


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୧ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 JANUARY 2026

Vol.No. 36 ■ No.01 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଆମେରିକା ପରେ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବା ବେଜିଂର ଦାବି

## ଯୁଦ୍ଧ ବନ୍ଦରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ : ଭାରତ

ନୂଆଦିଲ୍ଲୀ,୩୧/୧୨ : ବହୁରୂପୀ ବେଜିଂର ନୂଆ ଚାଲ । ଭାରତ-ପାକିସ୍ତାନ ଯୁଦ୍ଧକୁ ବନ୍ଦ କରିଥିବା ଚୀନ ଦାବି କରୁଥିବାବେଳ ଭାରତ ଏହାକୁ ଖଣ୍ଡନ କରିଛି । ଯୁଦ୍ଧ ବନ୍ଦ ପାଇଁ କୌଣସି ତୃତୀୟ ପକ୍ଷଙ୍କ କୌଣସି ଭୂମିକା ନଥିଲା ସଫା ସଫା କହିଛି ଭାରତ । ଯେଉଁ ଭାଷାରେ ଆମେରିକାର ମୁହଁ ଚୁପ କରିଥିଲା , ଠିକ ସେଭଳି କଡ଼ା ଶବ୍ଦରେ ଚୀନକୁ ଶୁଣାଇଛି ଭାରତ। ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦରେ କୌଣସି ତୃତୀୟ ପକ୍ଷରେ ଭୂମିକା ନଥିବା ସଫା ସଫା କହିଛି ନୂଆଦିଲ୍ଲୀ । ନା ଆମେରିକା, ନା ଚୀନ, ଯୁଦ୍ଧରେ ବିରାମ କେବଳ ପାକିସ୍ତାନ ସହ ସିଧାସଳଖ ଆଲୋଚନାରେ ସମ୍ଭବ ହୋଇଥିବା



ପୁଣି ଥରେ ଦୋହରାଇଛି ଭାରତ। ମଙ୍ଗଳବାର ଡ୍ରାଗନର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୱି ଦାବି କରିଥିଲେ ଯେ. ଭାରତ-ପାକିସ୍ତାନ, କମ୍ବୋଡିଆ-ଥାଇଲାଣ୍ଡ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପଛରେ ଚୀନର ହାତ ରହିଛି । ସବୁଠୁ ବଡ କଥା ହେଉଛି ଯୁଦ୍ଧ ସମୟରେ ପାକିସ୍ତାନକୁ ଚୀନ ସାହାଯ୍ୟ କରିଥିବା ପ୍ରମାଣ ବିଶ୍ୱକୁ ଦେଇସାରିଛି ଭାରତ ବୈଷୟିକ, ପ୍ରତିରକ୍ଷା ସହାୟତା ସହ ଭାରତର ପ୍ରସ୍ତୁତି ବାବଦରେ ପାକକୁ ଟିକିନିକ ତଥ୍ୟ ଦେଇଥିଲା ବେଜିଂ । ଏହା ପରେ ବି ବର୍ତ୍ତମାନ ଯୁଦ୍ଧ ବନ୍ଦ ଦାବି ବେଜିଂର ଦୋମୁହାଁନୀତିକୁ ଦର୍ଶାଉଛି । ପହଲଗାମ୍ ଆକ୍ରମଣ ପରେ ଭାରତ କରିଥିଲା ଏୟାରଷ୍ଟ୍ରାଇକ୍ । ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିବା ପରେ ଉଭୟ ଦେଶର ଆଲୋଚନା ପରେ ଯୁଦ୍ଧ ବିରାମ ଲାଗିଥିଲା । ତେବେ ବିଶ୍ୱ ଦରବାରରେ ନିଜର ଦବଦବା ଜାହିର କରିବାକୁ ଉଭୟ ଆମେରିକା-ଚୀନ ଯୁଦ୍ଧ ବନ୍ଦ କରଥିବା ମିଛ କହିବାକୁ ଟିକେ ହେଲେ ଦାବି ଦ୍ୱିଧା ପ୍ରକାଶ କରୁନାହାଁନ୍ତି । ସେପଟେ ମିଛ ଦାବି କରି ଥକୁନି ଆମେରିକା । ଭାରତର ଖାରଜ ପରେ ଯୁଦ୍ଧ ବନ୍ଧ ଦାବିକୁ ଆମେରିକା ୧୧ଥର ଦୋହରାଇସାରିଲାଣି । ଆଉ ଏବେ ସମାନ ରାସ୍ତା ଆପଣାଇଛି ବେଜିଂ ।

# ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଅନୁ ଗର୍ଗ:

## ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ରଚିଲେ ଇତିହାସ



ଭୁବନେଶ୍ୱର, ୩୧/୧୨ (ନି.ପ୍ର): ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରୁଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହାସହ ନୂଆ ମୁଖ୍ୟ ଶାସନ ସଚିବ ଭାବେ ଅନୁ ଗର୍ଗ ଦାୟିତ୍ୱ ନେଇଛନ୍ତି । ନୂଆ ବର୍ଷରେ ଓଡ଼ିଶାକୁ ନୂଆ ଶାସନ ସଚିବ ମିଳିଥିବା ବେଳେ ଓଡ଼ିଶା ଇତିହାସରେ ଜଣେ ମହିଳାଙ୍କ ହାତକୁ ଯାଇଛି ମୁଖ୍ୟ ଶାସନ ସଚିବ ପଦବୀ । ଉନ୍ନୟନ କମିସନର ଥିବା ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଇଛନ୍ତି । ତେବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଅବସର ନେଇଛନ୍ତି । ତାଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ପତ୍ନୀ ତଥା ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ଆରତୀ ଆହୁଜା ମଧ୍ୟ ଉପସ୍ଥିତ ଥିଲେ । ଉଭୟ ସେମାନଙ୍କର ପ୍ରଶାସନିକ କ୍ୟାରିଅର ଭିତରେ ଓଡ଼ିଶାକୁ ଗଭୀର ଭାବେ ଭଲ ପାଇବା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଓଡ଼ିଶାର ବିକାଶ ଓ ଭବିଷ୍ୟତ ପାଇଁ ସେ ସକରାତ୍ମକ ଅଭିବ୍ୟକ୍ତି ଓ ଦୃଢୋକ୍ତି ପ୍ରକାଶ କରିଥିଲେ । ସମସ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ସେମାନଙ୍କର ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର: ଆଉ ୨ ମାସ ବଢ଼ିଲା ଇ-କେୱାଇସି ଅବଧି

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ରାଜ୍ୟର ସମସ୍ତ ରାସନକାର୍ଡ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ଖୁସି ଖବର ଦେଇଛନ୍ତି । ରାସନ କାର୍ଡ ହିତାଧିକାରୀଙ୍କ ପାଇଁ ବାଧ୍ୟତାମୂଳକ ହୋଇଥିବା ଇ-କେୱାଇସିର ଅବଧି ଆଉ ଦୁଇମାସ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ପୂର୍ବ ନିର୍ଦ୍ଧାରିତ ସମୟ ମୁତାବକ ଆଜି ଇ-କେୱାଇସି ଭରିବାର ଶେଷ ତାରିଖ ଥିଲା । ବିଭାଗର ସୂଚନା ମୁତାବକ ଏପର୍ଯ୍ୟନ୍ତ ରାଜ୍ୟର ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି ଭରିସାରିଥିବା ବେଳେ ବାକି ରହିଛନ୍ତି ୪ ପ୍ରତିଶତ । ଯୋଗାଣମନ୍ତ୍ରୀ କହିଛନ୍ତି କି, କଟକ ଏବଂ ଉପକୂଳ ଜିଲ୍ଲାଗୁଡିକରେ ଅଧିକ ହିତାଧିକାରୀ ଇ-କେୱାଇସି ଭରି ନାହାନ୍ତି । ମନ୍ତ୍ରୀ କହିଛନ୍ତି, ସରକାର ଚାହୁଁଛନ୍ତି କୌଣସି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ନକଟୁ । ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ହିତାଧିକାରୀ ଇ-କେୱାଇସି ଭରିଦିଅନ୍ତୁ ବୋଲି ମନ୍ତ୍ରୀ ଅନୁରୋଧ କରିଛନ୍ତି । ସେପଟେ ଏପର୍ଯ୍ୟନ୍ତ ୮ ଲକ୍ଷ ନୂଆ ରାସନ କାର୍ଡ ବଣ୍ଟନ ହୋଇଥିବା କଥା ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଓଡ଼ିଶା ଉପକୂଳରୁ ଦୁଇଟି ପ୍ରଳୟ କ୍ଷେପଣାସ୍ତ୍ରର ସମାନ୍ତରାଳ ପରୀକ୍ଷଣ ସଫଳ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଆଜି ଓଡ଼ିଶା ଉପକୂଳରୁ ଦୁଇଟି ପ୍ରଳୟ କ୍ଷେପଣାସ୍ତ୍ରର ସମାନ୍ତରାଳ ପରୀକ୍ଷଣ କରିଛି । ଗୋଟିଏ ଲଞ୍ଚରରୁ ଉଭୟ କ୍ଷେପଣାସ୍ତ୍ରକୁ କମ୍ ସମୟ ବ୍ୟବଧାନରେ ଛଡ଼ା ଯାଇଥିଲା । ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟରେ ହୋଇଥିବା ଏହି ପରୀକ୍ଷଣ ସଫଳ ହୋଇଛି । ବ୍ୟବହାରିକ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶବିଶେଷ ଭାବେ ଏହି ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା । ଉଭୟ କ୍ଷେପଣାସ୍ତ୍ର ଉଦ୍ଦିଷ୍ଟ ପଥ ଅନୁସରଣ କରିବା ସହିତ ସମସ୍ତ ଉଡ଼ାଣ ଉଦ୍ଦେଶ୍ୟ ପୂରଣ କରିଥିଲା । ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜ ଦ୍ୱାରା ନିୟୋଜିତ ଟ୍ରାକିଂ ସେନ୍ସର ଦ୍ୱାରା ଏହାକୁ ପ୍ରମାଣିତ କରାଯାଇଥିଲା । ଇମ୍ପାକ୍ଟ ପଏଣ୍ଟ ନିକଟରେ ନିୟୋଜିତ ଅନବୋର୍ଡ ଜାହଜରେ ସ୍ଥାପିତ ଟେଲିମେଟ୍ରି ସିଷ୍ଟମ ଦ୍ୱାରା ଟର୍ମିନାଲ ଇଭେଣ୍ଟଗୁଡ଼ିକ ସୁନିଶ୍ଚିତ କରାଯାଇଥିଲା । ପ୍ରଳୟ ହେଉଛି ଏକ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ସଲିଡ୍ ପ୍ରୋପେଲାଣ୍ଟ ଆଧାରିତ କ୍ୱାସୀ-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଯାହା ଉଚ୍ଚ ସଠିକତା ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଗାଇଡାନ୍ସ ଏବଂ ନାଭିଗେସନ୍ ବ୍ୟବହାର କରେ ।


## ୨୦୨୬ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଅବସରରେ ବାଲେଶ୍ୱରର ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଖୁସି ଓ ଆନନ୍ଦ । ସମସ୍ତେ ରୁହନ୍ତୁ ସୁସ୍ଥ ଓ ନିରାମୟ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ

ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



୨୦୨୬ ନବବର୍ଷର ଶୁଭ ଆଗମନ ଅବସରରେ ମା' ବୈଷ୍ଣବୀ ମେଡିସିନ୍ ଷ୍ଟୋର ପକ୍ଷରୁ ସମସ୍ତଙ୍କୁ ଅସରନ୍ତି ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କରୀ ହେଉ, ଏତିକି କାମନା ।

ମନୋଜ କୁମାର ଜେନା

ମା' ବୈଷ୍ଣବୀ ମେଡିସିନ୍ ଷ୍ଟୋର, ବାଲେଶ୍ୱର








ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଇଂରାଜୀ ନୂଆବର୍ଷ ଉପଲକ୍ଷେ

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଉତ୍କଳ ସମ୍ମିଳନୀର ୧୨୨ ତମ ପୂର୍ତ୍ତି ପାଳନ ଓ ଅନ୍ତରଙ୍ଗ କଳିଙ୍ଗର ଅଷ୍ଟମ ବାର୍ଷିକୀ ଉତ୍ସବ ପାଳନ



ଭୁବନେଶ୍ୱର, ୩୧/୧୨ (ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଜନଜାଗରଣର ଅନ୍ୟତମ ଅଗ୍ରଦୂତ 'ଉତ୍କଳ ସମ୍ମିଳନୀ' ର ୧୨୨ତମ ସ୍ମୃତିଚାରଣ ମହୋତ୍ସବ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ କଳଣ ଗ୍ରାମ ସ୍ଥିତ ଲିଟିଲ ଟ୍ୱିଙ୍କିଲ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୌଳିକ ଓଡ଼ିଆ ସଂସ୍କୃତି ଓ ପୂଜ୍ୟପୂଜା ପରମ୍ପରାର ନିରବଚ୍ଛିନ୍ନ ପ୍ରସାର ଲାଗି ସାତବର୍ଷ ବ୍ୟାପୀ କାର୍ଯ୍ୟରତ 'ଅନ୍ତରଙ୍ଗ କଳିଙ୍ଗ' ଆନୁକୂଲ୍ୟରେ ଏହା ସୁଚାରୁରୂପେ ଆୟୋଜିତ ହୋଇଯାଇଛି । ଓଡ଼ିଆ ପ୍ରଦେଶକୁ ନେଇ ବରପୁତ୍ରମାନଙ୍କ ସ୍ମୃତିଚାରଣରେ ମଧୁପୁର ମହାବିଦ୍ୟାଳୟ ପରିସରରେ ମା' ରମାଦେବୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗଡ଼ ମଧୁପୁରର ପ୍ରାକ୍ତନ ରାଜା ନାରାୟଣ ଧୀର ନରେନ୍ଦ୍ର ବାହାଦୂର, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶୋଭାଯାତ୍ରା ଆରମ୍ଭ ହୋଇ ଲିଟିଲ ଟ୍ୱିଙ୍କିଲ ଏକାଡେମୀ କାର୍ଯ୍ୟକ୍ରମ ସ୍ଥଳରେ ଆସି ପହଞ୍ଚିଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସଭା ଓଡ଼ିଆ ସ୍ୱାଭିମାନର ଯୋଗଜନ୍ମା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାରସ୍ୱତ ସାଧନାକୁ କେନ୍ଦ୍ର କରି ଶୀର୍ଷକ 'ଓଡ଼ିଆ ସାହିତ୍ୟକୁ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଅବଦାନ' ଉପରେ ଆଲୋଚନା ହୋଇଥିଲା । ମଧୁପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଶ୍ରୀଯୁକ୍ତ ସତ୍ୟପ୍ରିୟ ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ଉଦଘୋଷଣା ପ୍ରଦାନ କରିଥିଲେ । ଅତିଥି ଓ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିବା ବରିଷ୍ଠ ଗବେଷକ ଡ. ସନ୍ତୋଷ କୁମାର ମହାପାତ୍ର ମଧୁସୂଦନ ଦାସଙ୍କ ଜାତୀୟ ଚେତନା ଏବଂ ତାଙ୍କ ଆଦର୍ଶ ରସାଣିତ ମୂଲ୍ୟବୋଧଭିତ୍ତିକ ସାହିତ୍ୟିକ କୃତି ଉପରେ ବିଶେଷ ଆଲୋକପାତ କରିଥିଲେ । ଏଥି ସହ ମଧୁପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କ ଦ୍ୱାରା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜାତୀୟ ଜୀବନର ବିମୃଷ୍ଟ ପର୍ଯ୍ୟାଲୋଚନା କରି ସଭାରେ ଉପସ୍ଥିତ ଶ୍ରୋତାବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜକ 'ଅନ୍ତରଙ୍ଗ କଳିଙ୍ଗ' ପକ୍ଷରୁ ଓଡ଼ିଆ ସାହିତ୍ୟ, ସଂସ୍କୃତି, କୃଷି, ସମାଜସେବା ଓ ଶିକ୍ଷା ଆଦି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । 'ସାହିତ୍ୟଭାସ୍କର ଡ. ମାୟାଧର ମାନସିଂହ ସମ୍ମାନରେ' ଅବସରପ୍ରାପ୍ତ ଅଧକ୍ଷ ଓ ସାହିତ୍ୟିକ ଡ. ତୁହିନାଂଶୁ ରଥ, 'କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ ସମ୍ମାନରେ' ସାହିତ୍ୟିକ ଓ ଅଧାପକ ଶ୍ରୀକାନ୍ତ ନାୟକ, 'ଚିତ୍ତରଞ୍ଜନ ଦାସ ସମ୍ମାନରେ' ଶିକ୍ଷାବିତ ବେଣୁଧର ଦୋବାଇ, 'ପଦ୍ମଶ୍ରୀ ନନ୍ଦ ପୃଷ୍ଟି ସମ୍ମାନରେ' ଶିକ୍ଷାବିତ ଜିତେନ୍ଦ୍ର ନାଥ କର, 'ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ସମ୍ମାନରେ' ବୟନଶିଳ୍ପୀ ନରେନ୍ଦ୍ର କୁମାର ବେହେରା, 'ପଦ୍ମଶ୍ରୀ ଚତୁର୍ଭୁଜ ମେହେର ସମ୍ମାନରେ' ବୟନଶିଳ୍ପୀ ବରୁଣ କୁମାର ଦାସ, କୃଷକନେତା ଗୌରାଙ୍ଗ ଦାସ ସମ୍ମାନରେ' ବାଉରୀବନ୍ଧୁ ସାମଲ, ପଦ୍ମଶ୍ରୀ କମଳା ପୂଜାରୀ ସମ୍ମାନରେ' ସମାଜସେବୀ ଶ୍ରୀମତୀ ମଞ୍ଜୁଲତା ସ୍ୱାଇଁ ଓ 'ସେବିକା ଗୋଦାବରୀ ଦେବୀ ସମ୍ମାନରେ' ସମାଜସେବି ମିନତି ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି । କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ସମସ୍ତ ସମ୍ବର୍ଦ୍ଧିତ ଅତିଥିମାନଙ୍କ ଗହଣରେ 'ଅନ୍ତରଙ୍ଗ କଳିଙ୍ଗ' ପକ୍ଷରୁ ପୁନଃମୁଦ୍ରିତ ହୋଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରାୟ ୬ଟି ଜାତୀୟତାଧର୍ମୀ କବିତାର ଏକ କ୍ଷୁଦ୍ର ସଙ୍କଳନ 'ଉତ୍କଳ ଗୌରବଙ୍କ ବୀରବାଣୀ' ଉନ୍ମୋଚିତ ହୋଇଥିଲା । ମଧୁପୁର ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକଙ୍କ ସହିତ କଳଣ ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ସ୍ଥାନୀୟ ବରିଷ୍ଠ ସଦସ୍ୟ ଓ 'ଅନ୍ତରଙ୍ଗ କଳିଙ୍ଗ' ତରଫରୁ ଶ୍ରୀଯୁକ୍ତ ଦେବ ତ୍ରିପାଠୀ, ଶ୍ରୀଯୁକ୍ତ ଅମ୍ବିକା ପଟ୍ଟନାୟକ, ଶ୍ରୀଯୁକ୍ତ ନିରଞ୍ଜନ ସାହୁ, ଶେଖ୍ ଗୁଲଜାର୍ ହୁସେନ୍,ରଶ୍ମି ରଞ୍ଜନ ପଣ୍ଡା, ଦେବ ପ୍ରକାଶ ରାଉତ, ବସନ୍ତ କୁମାର ଶତପଥୀ, ଅମୃତେଶ ଖଟୁଆ ଉପସ୍ଥିତ ଥିଲେ । ସମଗ୍ର କାର୍ଯ୍ୟକ୍ରମର ସଭା ସଂଯୋଜନା ଅନ୍ତରଙ୍ଗ କଳିଙ୍ଗର ଅନ୍ୟତମ ବରିଷ୍ଠ ସଭ୍ୟ ଶ୍ରୀଯୁକ୍ତ ଅମ୍ବିକା ପଟ୍ଟନାୟକ ନିର୍ବାହ କରିଥିଲେ । ଏଥି ସହ କାର୍ଯ୍ୟକ୍ରମର ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସଭାକୁ 'ଅନ୍ତରଙ୍ଗ କଳିଙ୍ଗ' ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀଯୁକ୍ତ ବସନ୍ତ କୁମାର ଶତପଥୀ ।

# ୭୧ ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା: ମୟୁରଭଞ୍ଜକୁ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ



ବାରିପଦା , ୩୧/୧୨ (ନି.ପ୍ର): କଟକ ଠାରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୁରଭଞ୍ଜର ଖେଳାଳି ମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି. ଟିମ ମ୍ୟାନେଜର ଶାନ୍ତିଲତା ରାଜ ଓ ନରେଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଦଳର ବିନ୍ଦି ସିଂ ୧୮ ବର୍ଷରୁ କମ ଡିସ୍କସ ଥ୍ରୋରେ, ବାଲହି ମୁର୍ମୁ ୧୮ ବର୍ଷରୁ କମ ୧୦୦୦ମି ଦୌଡରେ, ସନ୍ଧ୍ୟା ମୁର୍ମୁ ମହିଳା ବର୍ଗ ୧୦ ହଜାର ମିଟର ଦୌଡରେ ଓ ପୂର୍ଣ୍ଣମା ହେମ୍ବ୍ରମ ମହିଳା ବର୍ଗ ହେପଟାଥଲୋନରେ ୧ମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରାଜେଶ୍ୱରୀ ସିଂ ୨୩ ବର୍ଷରୁ କମ ୪୦୦ ମି ଦୌଡରେ, ନାମସି ସମାଦ ୨୩ ବର୍ଷରୁ କମ ୫ ହଜାର ଓ ୧୦ ହଜାର ମିଟର ଦୌଡରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ସନ୍ଧ୍ୟା ମୁର୍ମୁ ମହିଳା ବର୍ଗ ୫ହଜାର ମିଟର ଦୌଡରେ, କମଳିନୀ ମାର୍ଣ୍ଡି ୧୪ ବର୍ଷରୁ କମ ଟ୍ରାଇଥୋଲନରେ, ପପାଲୀ ସିଂ ୧୬ ବର୍ଷରୁ କମ ଓ ବିନ୍ଦି ସିଂ ୧୮ ବର୍ଷରୁ କମ ସଟପୁଟ ଥ୍ରୋରେ, ମାଣ୍ଡୁଇ ପୂର୍ଣ୍ଣ ମହିଳା ବର୍ଗ ହେପଟାଥାଲୋନରେ, ସଳକ ସୟ ୨୦ ବର୍ଷରୁ କମ ୫ହଜାର ମିଟର ଓ୍ୱାକିଙ୍ଗରେ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି । ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ରାଜ୍ୟ ଭଲିବଲ ଉପ ସଭାପତି ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ଦଳନ ଚନ୍ଦ୍ର କୁଁଅର ଦେଓ ଉପସ୍ଥିତ ଥିଲେ. ଶେଷରେ ଟିମ ମ୍ୟାନେଜର ଶ୍ରୀ ହେମ୍ବ୍ରମ ଜିଲ୍ଲାପାଳ ତଥା ଏସୋସିଏସନର ସଭାପତି ହେମକାନ୍ତ ସୟଙ୍କୁ ମୟୁରଭଞ୍ଜର ପତାକା ହସ୍ତାନ୍ତର କରିଥିଲେ।

# ବାଲି ଖାଦାନ ଉପରେ ଚଢ଼ାଉ: ୮ ଜେସିବି ଜବତ

ବାଲିଆପାଳ , ୩୧/୧୨ (ନି.ପ୍ର): ସୁବର୍ଣ୍ଣରେଖା ନଦୀରୁ ଦିନ ରାତି ଶୁଣ୍ଢ ବୁଲାଇ ବାଲି ଉତ୍ତୋଳନ କରୁ ଛନ୍ତି ଜେସିବି, ସରକାର ଙ୍କ ନିୟମ କୁ ଖୋଲା ଖୋଲି ଉଲଙ୍ଘନ -ଆଜି ଅପରାହ୍ନ ରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଚାଳନ୍ତି ବାଲି ସୈରାତ ଉପରେ ପ୍ରଶାସନ ର ଚଢ଼ାଉ, ଚଢ଼ାଉ ବେଳେ ୮ ଟି ଜେସିବି (ପୋକଲେନ) ଜବତ କରିଛି ପ୍ରଶାସନ, ସରକାରୀ ନିୟମ କୁ ଫୁ କରି ବାଲି ଉତ୍ତୋଳନ କରୁଥିଲେ ବାଲି ମାଫିଆ ,ବାରମ୍ବାର ତାଗିଦ ପରେ ବି କୌଣସି ନିୟମ ମାନିବାକୁ ନାରାଜ ଥିଲେ ନିଲାମ ଧାରୀ ,ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଧିତିପୁରା ବାଲି ସୈରାତ୍ କୁ ସରକାରୀ ଭାବେ ନିଲାମ ଦିଆଯାଇଛି,ହେଲେ ବାଲି ମାଫିଆ ମାନେ ଚଞ୍ଚକତା କରି ଜଳେଶ୍ୱର ତହସିଲ ଅନ୍ତର୍ଗତ ଚାଳନ୍ତି ଦେଇ ରାସ୍ତା କରି ହାଇଓ୍ୱା ରେ ବାଲି ଲୋଡ କରି ବିକ୍ରି କରୁଥିଲେ, ଗ୍ରାମବାସୀ ଙ୍କ ଅଭିଯୋଗ ପରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏବଂ ଜଳେଶ୍ୱର ପୋଲିସ ର ଏକ ସ୍ୱତନ୍ତ୍ର ଟିମ ଏହି ବଆଇନ ସୈରାତ ରେ ଚଢ଼ାଉ କରିଥିଲେ, ଚଢ଼ାଉ ହେବାର ସୁରାକ ପାଇ ବାଲି ମାଫିଆ ମାନେ ଜେସିବି ଗୁଡିକୁ ଏକ ଖାଲ ଭିତରେ ଲୁଚାଇ ରଖିଥିଲେ ,ମାତ୍ର ତହସିଲଦାର ସେଠାରେ ଚଢ଼ାଉ କରି ଆଠଟି ଜେସିବି ଜବତ କରିଛନ୍ତି,ଜେସିବି ର ସମସ୍ତ ଅପରେଟର ଚମ୍ପଟ ମାରିଥିବା ସୂଚନା ପୋଲିସ ତଦନ୍ତ ଜାରି ରଖିଛି ।

# କଷାଫଳ ବେଳାଭୂମି ମହୋତ୍ସବର ପଞ୍ଚମ ସନ୍ଧ୍ୟା



ଲଙ୍ଗଳେଶ୍ୱର, ୩୧/୧୨ (ନି.ପ୍ର): ବାବା ବାଲ ଗଣେଶ କ୍ଲବ ପକ୍ଷରୁ ପର୍ଯ୍ୟଟନ କେନ୍ଦ୍ର କଷାଫଳ ବେଳାଭୂମିରେ ଅନୁଷ୍ଠିତ କଷାଫଳ ବେଳାଭୂମି ମହୋତ୍ସବର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା ।ଏହି ସାନ୍ଧ୍ୟ ଉତ୍ସବରେ ଗୁଗୁଲ ଡାଇରେକ୍ଟର ଚନ୍ଦନ କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କଷାଫଳ ବେଳାଭୂମିର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ବେଳାଭୂମିର ବିକାଶ ସହିତ ଲୋକଙ୍କ ବିକାଶ ଜଡିତ ବୋଲି ସେ ମଧ କହିଥିଲେ। ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର ଯୋଗ ଦେଇ ମହୋତ୍ସବ ଦ୍ୱାରା ଅନାଲୋଚିତ ପ୍ରତିଭା ମାନେ ଆଗକୁ ଆସି ପାରିବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ପାତ୍ର, ରତିକାନ୍ତ ପାତ୍ର, ପ୍ରେମାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।କାର୍ତ୍ତିକ ଚନ୍ଦ୍ର ପାତ୍ର ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଚନ୍ଦନ କୁମାର ପାତ୍ର ଉତ୍ସବ କୁ ଏକ ଲକ୍ଷ ଟଙ୍କା ଦାନ କରିଥିଲେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଥିଲା।

# ଡକ୍ଟର କୁମାର ବାବୁଲିଙ୍କୁ ସଫଳ ଶିଶୁ ସାହିତ୍ୟିକ ଓ ସମ୍ପାଦକ ସମ୍ମାନରେ ସମ୍ମାନିତ



ବଡ଼ସାହି , ୩୧/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଠାରେ ଅନୁଷ୍ଠିତ ନିର୍ଝରିଣୀ ଓ ଓଡ଼ିଶା ଶିଶୁ-କିଶୋର ଶିଶୁ ସାହିତ୍ୟ ଏକାଡେମୀ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ ତମ ବାର୍ଷିକ ଜାତୀୟ ସ୍ତରୀୟ ଶିଶୁ ସାହିତ୍ୟ ସାରସ୍ୱତ ସମାବେଶରେ ଡକ୍ଟର ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡକ୍ଟର ଦାଶ ବେନହୁର, ଡକ୍ଟର ଧନଞ୍ଜୟ ସ୍ୱାଇଁ, ଡକ୍ଟର ବୀରେନ୍ଦ୍ର ମହାନ୍ତି, ଡକ୍ଟର ରମେଶ ପତ୍ରୀ, ଡକ୍ଟର ବନ୍ଦନା ହରିଚନ୍ଦନ, ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀ, ଡକ୍ଟର ଉଦୟ କିରୋଲା (ଉତ୍ତରାଖଣ୍ଡ)ଙ୍କ ଦ୍ୱାରା ଉତ୍ତର ଓଡ଼ିଶାର ଜଣେ ସଫଳ ସମ୍ପାଦକ ଓ ଶିଶୁ ସାହିତ୍ୟିକ ଭାବେ ଡକ୍ଟର କୁମାର ବାବୁଲିଙ୍କୁ ସମ୍ମାନିତ କରାଯାଇଛି । ପିତା ଉତ୍କଳରତ୍ନ ସ୍ୱର୍ଗତଃ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ସହଚର୍ଯ୍ୟରେ ଆସି ସେ ଦୀର୍ଘଦିନରୁ ଶିଶୁ ସାହିତ୍ୟ ଉପରେ ଲେଖନୀ ଚାଳନା କରିଆସୁଥିବା ବେଳେ ୧୯୮୮ ମସିହାରୁ ଓଡ଼ିଆ ମାସିକ ଶିଶୁ କିଶୋର ପତ୍ରିକା 'ଆମ ସୁନାଚାନ୍ଦ' ପ୍ରକାଶ କରି ଆସୁଛନ୍ତି । ପରେ ପରେ ଆଜକୁ ପାଞ୍ଚବର୍ଷ ହେଲା ଓଡ଼ିଶାର ଏକମାତ୍ର ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ' ପ୍ରକାଶ କରି ବେଶ୍ ସଫଳତା ହାସଲ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପିଲାଙ୍କ ପାଇଁ ତାଙ୍କର ୬ଟି ପୁସ୍ତକ ପ୍ରକାଶ ପାଇ ପିଲାଙ୍କର ପ୍ରିୟ ହୋଇ ପାରିଛି । ରାଜ୍ୟ ଓ ଜାତୀୟ ସ୍ତରରେ ସେ ବହୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ରାଜ୍ୟ ଓ ଜାତୀୟ ସ୍ତରର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ସେ ରାଜ୍ୟସ୍ତରୀୟ ଅନୁଷ୍ଠାନ ବାଣୀପୀଠର ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ଏତଦ୍ ବ୍ୟତୀତ ସାହିତ୍ୟ ପତ୍ରିକା 'ପଲ୍ଲୀପ୍ରଭା'ର ମୁଖ୍ୟ ସଂପାଦକ ଅଟନ୍ତି । ତାଙ୍କୁ ଆଜି ସଫଳ ସମ୍ପାଦକ ଓ ଶିଶୁ ସାହିତ୍ୟିକ ସମ୍ମାନ ମିଳିଥିବାରୁ ବାଣୀପୀଠ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ, ଦୀନଦୁଃଖିନୀ ପାଠାଗାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଓଡ଼ିଆ ଲେଖକ ପରିଷଦ, ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ଓ କାଶୀନାଥ ବିଦ୍ୟାପୀଠ ତରଫରୁ ବହୁତ କୃତଜ୍ଞତା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ସାରସ୍ୱତ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଯଶୀପୁରକୁ ଏନଏସି ମାନ୍ୟତା

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଜିଲ୍ଲାର ପ୍ରମୁଖ ସ୍ଥାନ ମଧ୍ୟରୁ ଅନ୍ୟତମ ଯଶୀପୁରକୁ ଏଣିକି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନଏସି) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି।
ଭାରତୀୟ ସମ୍ବିଧାନର ଧାରା ୨୪୩-କ୍ୟୁ ଏବଂ ଓଡ଼ିଶା ପୌର ଆଇନ, ୧୯୫୦ ଅନୁଯାୟୀ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଯଶୀପୁରକୁ ଏହି ନୂତନ ମାନ୍ୟତା ଦିଆଯାଇଛି।
ଏହି ଖୁସିର ମୁହୂର୍ତ୍ତରେ ସମଗ୍ର ଯଶିପୁରବାସୀ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ବିମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ, ଯଶୀପୁର ଏବଂ ଏହାର ଆଖପାଖ ଗ୍ରାମଗୁଡ଼ିକୁ ନେଇ ଏକ ସଂକ୍ରମଣକାଳୀନ ଅଞ୍ଚଳ ଗଠନ କରାଯାଇଛି। ଏହାକୁ ଆଧାର କରି ଯଶୀପୁର ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ ଏ ସି ଗଠିତ ହୋଇଛି। ଓଡ଼ିଶା ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ହିଁ ଏହା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳର ଭିତ୍ତିଭୂମି ବିକାଶ ସହ ସ୍ଥାନୀୟ ଲୋକମାନେ ସହରାଞ୍ଚଳର ସମସ୍ତ ସୁବିଧା ସୁଯୋଗ ପାଇପାରିବେ।
ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ବିଜ୍ଞପ୍ତି ଯଶୀପୁର ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଦେଇଛି। ଏହି ନୂତନ ପରିଷଦ ଗଠନ ହେବା ଫଳରେ ଯଶୀପୁରର ଯୋଜନାବଦ୍ଧ ବିକାଶ, ପରିମଳ ବ୍ୟବସ୍ଥା ଏବଂ ନାଗରିକ ସେବାରେ ବ୍ୟାପକ ସଂସ୍କାର ଆସିବ ବୋଲି ଆଶା କରାଯାଉଛି।

# ଆରଏସପିର ସିଣ୍ଟରିଂ ପ୍ଲାଣ୍ଟ-୩ ରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଅନୁକରଣୀୟ ପ୍ରୟାସ ପାଇଁ ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା, ୩୧/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ସମ୍ମିଳନୀ ହଲରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଠିକା ଶ୍ରମିକଙ୍କୁ ପୁରସ୍କୃତ କରିବା ପାଇଁ ଏକ ସମାରୋହ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସପି-୩ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ କଲ୍ୟାଣ ସମଜଦାର ଅଧକ୍ଷତା କରି ବିଭାଗରେ ନିୟୋଜିତ ୨୦ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ପ୍ଲାଣ୍ଟର କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଏମ ମେକାନିକାଲ୍ ଶ୍ରୀ ଅନୁଗ୍ରହ ଏକ୍କା, ଜିଏମ ଇଲେକ୍ଟ୍ରିକଲ ଶ୍ରୀ କାମେଶ୍ୱର ସିଂହ, ଜିଏମ ଅପରେସନ ଶ୍ରୀ ସୌଭାଗ୍ୟ କୁମାର ମହାନ୍ତି, ଏଚଆର ସିଏଲସି ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ବିଜ୍ଞାନ ପାତ୍ର, ଏବଂ ସିଣ୍ଟରିଂ ପ୍ଲାଣ୍ଟ-୩ ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।
ସମାବେଶକୁ ସମ୍ବୋଧିତ କରି, ଶ୍ରୀ ସମଜଦାର ପୁରସ୍କୃତ କର୍ମଚାରୀଙ୍କୁ ସୁରକ୍ଷିତ କାର୍ଯ୍ୟ ପଦ୍ଧତିକୁ ନିରନ୍ତର ପାଳନ ପୂର୍ବକ ମୁଖ୍ୟ ମରାମତି, ନିର୍ଦ୍ଧାରିତ ସଟଡାଉନ, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ରକ୍ଷଣାବେକ୍ଷଣ ଏବଂ ହାଉସକିପିଙ୍ଗ କାର୍ଯ୍ୟଧାରା ଅବଧିରେ ସେମାନଙ୍କର ଉତ୍ସର୍ଗୀକୃତ ଏବଂ ଆନ୍ତରିକ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ସିଣ୍ଟରିଂ ପ୍ଲାଣ୍ଟ-୩ ର ପ୍ରକୃତ 'ପ୍ରଗତିର ଅଂଶୀଦାର' ଭାବରେ ଠିକା ଶ୍ରମିକଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ଏଜିଏମ୍ ଶ୍ରୀ ଆଶିଷ କୁମାର ଶରଣ ସଂଯୋଜନା କରିଥିଲେ ।

# ଚାଷୀଙ୍କୁ ମିଳୁନି ୟୁରିଆ ସାର: ବେଆଇନ୍ ଇଟା ଭାଟିରେ ହେଉଛି ବ୍ୟାପକ ଅପବ୍ୟବହାର

## ବଢୁଛି ତାପମାତ୍ର,ବିଗୁଡୁଛି ପରିବେଶ, ଶୋଇଛି ପ୍ରଶାସନ

ବାଲିଆପାଳ , ୩୧/୧୨ (ନି.ପ୍ର): ବାଲିଆପାଳ ବ୍ଲକରେ ରହିଛି୫୦ ରୁ ବେଆଇନ ଇଟାଭାଟି । ପ୍ରଚଳିତ ସରକାରୀ ନିୟମ ଓ ଅଦାଲତ ନିର୍ଦ୍ଦେଶକୁ ମଧ ଅଣଦେଖା କରି ପ୍ରଶାସନ ଏହିସବୁ ଭାଟି ଚାଲିବାକୁ ଦେଇଛି ଅନୁମତି । ରାଜସ୍ୱ ନିରକ୍ଷକମାନେ ମାସିକିଆ ପାଉଣା ପାଇଥିବାରୁ ଏମାନଙ୍କ ବିରୋଧରେ କାର ?ୟାନୁଷ୍ଠାନ ନନେଇ ନଦେଖିଲା ପରି ନିଜର ରହୁଛନ୍ତି । ଏମିତି ବି ଜଳବାୟୁ ପରିବର୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଏ ସମସ୍ତ ଇଟାଭାଟିରୁ ନିର୍ଗତ ତାପମାତ୍ରା ପରିବେଶକୁ ଅଧିକ ଉତ୍ତପ୍ତ ତତ୍ସହିତ ଇଟାଭାଟିରୁ ନିର୍ଗତ ଧୂଆଁ, ପାଉଁଶଗୁଣ୍ଡ ଓ କଞ୍ଚାମାଲ ପରିବହନ ଯୋଗୁଁ ଉଡୁଥିବା ଧୂଆଁ ପରିବେଶକୁ ଆହୁରି ପ୍ରଦୂଷିତ କରୁଛି । ଏଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜସ୍ୱ ବିଭାଗକୁ ସ୍ୱତନ୍ତ୍ର ଦାୟିତ୍ୱ ସହ କ୍ଷମତା ଅର୍ପଣ କରିଥିଲେ ମଧ ଏଗୁଡିକ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ସନ୍ଦେହ ସୃଷ୍ଟି କରିଛି । ଆଇନରେ ଥିବା ଗଳାବାଟ ଦେଇ ରାଜସ୍ୱ ବିଭାଗର ଅଧିକାରୀମାନେ ଭାଟି ମାଲିକମାନଙ୍କୁ ବ୍ୟବସାୟ କରିବାର ସୁଯୋଗ ଦେଇ ହାତ ନିକ୍କଣ କରୁଥିବା ଆଲୋଚନା ହେଉଛି । ଯେଉଁ ପରିମାଣରେ ଲଟା ପ୍ରସ୍ତୁତ ହେଉଛି ସେଭଳି ଇୟାଲଟି ମଧ ଆଦାୟ ହେଉନି । ବାଲିଆପାଳ ବ୍ଲକର ନାଲିଆପାଳ, ବିଷ୍ଣୁପୁର, ବଢାପାଳ, କାମକୁଣ୍ଡା, ନିଖିରା ପ୍ରଭୃତି ନଦୀପଠା ଇଲାକାରେ ଏବେ ୫୦ରୁ ଉର୍ଦ୍ଧ୍ୱ ଇଟାଭାଟିରେ ଇଟା ପୋଡା ଯାଇଥିବା ଦେଖାଯାଇଛି । ନାଲି ଇଟାର ଚାହିଦା ଅଧିକ ଥିବାରୁ ଇଡାକୁ -ନାଲି ଅଧିକ ନାଲି ରଙ୍ଗ କରିବାକୁ ଭାଟିଗୁଡିକର କୁଇଣ୍ଟାଲ କୁଇଣ୍ଟାଲ ୟୁରିଆ ସାର ଓ ଲୁଣ ବ୍ୟବହାର ହେଉଛି । ରଙ୍ଗ ଭଲ ହେଇଥିଲେ ମଧ ଇଟାର ମାନ ଖରାପ ହେଇଛି । କଟା ଭାଟିଗୁଡିକରେ ବହୁଳ ୟୁରିଆ ସାର ବ୍ୟାବାହାର ହେଉଥିବାରୁ ଚାଷୀଙ୍କୁ ୟୁରିଆ ସାର ମିଳୁ ମିଳୁନାହିଁ । କୃଷି ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ । ବେଆଇନ ଇଟା ବେପାର ଯୋଗୁଁ ସରକାର ବହୁ ରାଜସ୍ୱ ହରାଇଛନ୍ତି । ଅନ୍ୟପକ୍ଷରେ ଇଟା ପୋଡିବା ଲାଗି ଏହି ଅଞ୍ଚଳରେ ଚୋରା କୋଲଲା ବେପାର ବଢିବା ସାଙ୍ଗକୁ ଜଙ୍ଗଲ କ୍ଷୟ ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ପରିବେଶ ବିଭାଗ ଅନୁମତି ନଥାଇ ଲୋକଙ୍କ ଧନଜିବନ ମଧ ଶଙ୍କଣ୍ଠାପନ ଦିଗରେ ନିଷେଧାଦେଶ ଜାରି କରିବା ପାଇଁ ସର୍ବୋଳ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ବାଲିଆପାଳ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ବାଲିଆପାଳ, କାମକୁଣ୍ଡା ଓ ଶ୍ରୀରାମପୁର ଆରଆଇ ସର୍କଲରେ ଅନେକ ଇଟାଭାଟି ଜନବସ୍ତୁତି, ସ୍କୁଲ, କଲେଜଗୁଡିକ ନିକଟରେ ରହିଛି । ଏହି ଭାଟିଗୁଡିକରେ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ପୁରୁଷ, ମହିଳା ଓ ନାବାଳକମାନେ ଦାଦନ ଶ୍ରମିକ ଭାବେ କାର ?ୟ କରୁଛନ୍ତି । ଶ୍ରମିକ କଲ୍ୟାଣ ଆଇନ ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଓ ସୁରକ୍ଷା ଯୋଗାଇ ଦିଆଯାଇନଥିବା ବେଳେ ଇଟାଭାଟି ମାଲିକମା ମାନେ ସେମାନଙ୍କୁ ସ୍ୱପ୍ନ ମଜୁରୀରେ ଖଟାଇ କରୁଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବାଲିଆପାଳ ତହସିଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କହିଥିଲେ ଯେ ବ୍ଲକର କାଳିଆପାଳ ଆରଆଇ ସର୍କଲରେ ୧୫ଟି, ଶ୍ରୀରାମପୁର ଆରଆଇ ସର୍କଲ ୭ଟି ଓ ଜାମକୁଣ୍ଡା ଆରଆଇ ସର୍କଲରେ ୬ଟି ଏହିପରି ୨୮ଟି ଇଟାଭାଟି ରହିଛି । କିନ୍ତୁ ପ୍ରକୃତ ପକ୍ଷେ ଏହା ଠାରୁ ଅଧିକ ଇଟାଭାଟି ରହିଥିବା ଅନୁସନ୍ଧାନରୁ ଜଣାଯାଇଛି । ଚାଲିଆପାଳ ବ୍ଲକରେ କେତୋଟି ବେଆଇନ ଇଟାଭାଟି ଉପରେ ଗତବର୍ଷ ପ୍ରଦୂଷଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା କିନ୍ତୁ ଭାଟି ମାଲିକମାନେ ଭାଟିରେ କାମ କରୁଥିବା ଶ୍ରମିକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲଗାଇ ଏହାର ବିରୋଧ କରିବାରୁ ପ୍ରଦୂଷଣ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନପାରି ପଛଘୁଞ୍ଚା ଦେଇଥିଲା । ଏହାର ଫାଇଦା ନେଇ ଚଳିତ ବର୍ଷ ଛତୁ ଫୁଟିଲାଭଳି ଗୋଲ ଇଟାଭାଟି ସବୁ ଗଢି ଉଠିଛି । ବାଲିଆପାଳ ବ୍ଲକର ଇଟାଭାଟି ଗୁଡିକରେ ଚାଲିଥିବା ବେଆଇନ କାର୍ଯ୍ୟ ରୋକିବା ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଶ୍ରମ ବିଭାଗ ଓ ରାଜସ୍ତ ବିଭାଗ ଦୃଷ୍ଟି ଦେବ ନିମନ୍ତେ ସାଧାରଣରେ ଦାବି ହେଉଛି ।



# ସ୍ୱାଗତଂ ନୂଆବର୍ଷ

## ନବାରମ୍ଭ....
### ସରୋଜ କୁମାର ଦାସ



ଅମ୍ବୁଧି କୋଳେ ଅରୁଣ ସଜ ହୋଇଲେଣି ଜାଣ
ନବ ପ୍ରଭାତ ଆସନ୍ନ ପ୍ରାୟ ହୋଇଲା
ପ୍ରାଚୀ ଦେଶେ ନବାଲୋକ ହୃଦୟେ ଦେଇ ପୁଲକ
ଗଗନ ଭେଦି ଭୂଲୋକ ଧୀରେ ଛୁଇଁଲା
ବରଷ ପ୍ରାରମ୍ଭ ହୋଇଲା
ଉଷାରାଣୀ ସଜ ହୋଇ ମନ ମୋହିଲା ।

ମଳିନ ଶୀତାଂଶୁ ଆଭା ଦିନବନ୍ଧୁ ହେଲେ ଉଭା
କାନନେ କୁସୁମ ଶୋଭା ବିଞ୍ଚି ହୋଇଲା
କଲ୍ଲୋଳ ହୋଇ ବିରୋଳ ପୟୋଧି ହୃଦେ ଚଞ୍ଚଳ
ଲାଗିଣ ମୃଦୁ ଅନିଳ ତଟ ଛୁଇଁଲା
ରେଣୁର ଶୀତଳ ପରଶେ
ରତ୍ନାକର ବକ୍ଷଦେଶେ ଯାଏ ହରଷେ ।

ନୀହାର ଭିଜା ସମୀର ଛୁଇଁ ଶ୍ୟାମ ବନପୁର
କୁହେଳି ହୋଇ ପ୍ରଖର ଭ୍ରମ ରଚିଲା
କ୍ଷୀରୋଦ ସାଗର ସତେ ସ୍ୱର୍ଗରୁ ଆସି ମରତେ
ନବ ବରଷ ସହିତେ ଧରା ଛୁଇଁଲା
ଆନନ୍ଦେ ହୋଇଣ ଅଧୀର
ଅଦିନେ ନୀରଦ ବାରି କଲା ବିସ୍ତାର ।

ପ୍ରସୂନ କାନ୍ତି ସରସ ଲଭିବା ପାଇଁ ପରଶ
ମିଳିନ୍ଦ ହୋଇଣ ବଶ ନାଚେ ଗୁଞ୍ଜନେ

ସବିତା କର ବିସ୍ତାରି ସୁବର୍ଣ୍ଣ ଉପମା ଧରି
ଦେଖନ୍ତି ସୁଷମା ଶିରି ରହି ଗଗନେ
ଦେଖିଣ ଅପୂର୍ବ ଭିଆଣ
ନବ ପୁଲକରେ ହସେ ନବ ଜୀବନ ।

ମନୁଜ ହୋଇ ମଗନ ଆନନ୍ଦେ କରି ଆହ୍ୱାନ
ଶ୍ରୀହରି ଚରଣେ ମନ ଦେଇ ବୋଲନ୍ତି
ଦୟାମୟ ଭାବଗ୍ରାହୀ ଅନୁକମ୍ପା କର ସାଇଁ
ସଦା ହୃଦେ ଥାଉ ରହି ଶାନ୍ତି ପୀରତି
କାନନ ମହକି ଉଠିଲା
ସୁମନ ମୁକୁନ୍ଦ ପାଦେ ଲାଗି ହୋଇଲା ।

ବିତିଛି କେତେ ଯାମିନୀ କମ୍ପିଛି ସାରା ମେଦିନୀ
କାଳର କୋଳେ ବନ୍ଦିନୀ ହୋଇ ଧରଣୀ
ନ ଆସୁ କେବେ ଅରାତି ତିମିର ବିଧ୍ୱଂସି ପ୍ରୀତି
ନବ ବରଷରେ ସାଥି ହେଉ କାମିନୀ
ଅପୂର୍ବ ସ୍ୱାଗତ ସମୟ
ଅଦ୍ୟ ଏ ବରଷ ହେଉ ପୁଲକମୟ ।

+ବାଲେଶ୍ୱର, ବାଲିଆପାଳ

## ସମୟ ନଇ ଭଉଁରୀ ଖେଳେ
### ଦିଲ୍ଲୀପ କୁମାର ସାହୁ



ସମୟ ନଇ ଭଉଁରୀ ଖେଳେ
ନୂଆ ପୁରୁଣା ସାଥେ
ନୂଆ ଆସଇ ପୁରୁଣା ଯାଏ
କାହାଣୀ କହି କେତେ ।
ନୂଆ ପୁରୁଣା ସବୁତ ସେଇ
ଲୀଳାମୟଙ୍କ ଲୀଳା
ନୂଆ ବରଷ ନୂଆ ପରଷ
ନୂଆ ମହକ ବୋଳା ।

ଅଧ ରାତିରେ ତା ପାଦ ଶବ୍ଦେ
ଝୁମେ ଦୁନିଆ ସାରା
ବହଳ ରାତି ମଙ୍ଗଳ ଗୀତି
ମନକୁ କରେ ତୋରା ।
ଶୀତ ସାଉଁଳା କାକର ଭିଜା
ମାଟିକୁ ଛୁଇଁ ଛୁଇଁ
ନୂଆ ସୂରୁଯ ନୂଆ ମୁରୁଜ
ମନକୁ ନିଏ ମୋହି ।

ମଠ ମନ୍ଦିର ଗିର୍ଜାରେ ଭିଡ
ସକାଳ ହେଉ ହେଉ
ଈଶ୍ୱର ଆଲ୍ଲା ପ୍ରଭୁଙ୍କ ପାଦେ
ହୃଦୟ ଢାଳି ଦେଉ ।
ଭଲ ମନ୍ଦର ହସ କାନ୍ଦର
ସର୍ବନିଅନ୍ତା ସେହି
ତାଙ୍କ ଆଶିଷେ ଏ ନୂଆ ବର୍ଷ
ଆନନ୍ଦ ଯାଉ ଦେଇ।

ଆସିବ ବୋଲି ନୂଆ ବରଷ
ତା ବାଟ ଚାହିଁ ଚାହିଁ
ହଜାରେ ଆଶା ମନ ଗହନେ
ଉଠଇ ନିତି ଚେଇଁ ।
ନୂଆ କବିତା ନୂଆ କାହାଣୀ
ହୁଅଇ କେତେ ଲେଖା
ପ୍ରିତିର ଭାଷା ପ୍ରେମର ରଙ୍ଗ
ସ୍ନେହ ଶରଧା ସଖା ।

ନୂଆ ସକାଳ ପ୍ରିତି ବହଳ
ନୂଆ ସପନେ ଝୁଲି
ଶୁଭ ବାରତା ହୁଅଇ ବଣ୍ଟା
ରାଗ ରୋଷକୁ ଭୁଲି ।
ଖୁସି ବଣ୍ଟାରେ ଅଣ୍ଟେନି ଦିନ
ଭୋଜି ଭାତର ମଜା
ମନ ଅଗଣା ଆନନ୍ଦେ ବଣା
ଫୁଲ ଗହଣା ସଜା ।

ବୟସ ଜମା ମାନେନି ବୋଲ
ଖୁସିରେ ଝୁମେ ପାଦ
ପିରତି ହାଟେ ହଟ ଚମକ
ଲାଜେଇ ଯାଏ ନିଦ।
ନୂଆ ଭାବନା ନୂଆ ସପଥ
ଦେଖାଏ ନୂଆ ବାଟ
ହାତରେ ହାତ ମିଶାଇ ଦେଇ
ଝୁମଇ ଖୁସି ଗୀତ ।

ସ୍ୱାର୍ଥ ଦଉଡି ଦିଏ ବିଗାଡି
ସମ୍ପର୍କ ସୂତା ଖିଅ
ଲୋଭରୁ ଭାବ ହୁଏ ଅଭାବ
ବଳେଇ ପଡେ କୋହ ।
ନୂଆ ସକାଳ ଶୁଭ ସକାଳ
ନୂଆ ବାରତା ଦିଏ

ଅଭିମାନର ଖାତାକୁ ଚିରି
ପ୍ରେମର ଭାଷା କହେ ।

ବାଦ ବିବାଦ ଅବସାଦ ରେ
ମଣିଷ ହୁଏ ଘାଣ୍ଟି
ଚଲାପଥରେ ଜୀବନ ରଥ
ନିଇତି ପଡେ ଝୁଣ୍ଟି ।
କଥାଟି ଛୋଟ ପାରିଲେ ବୁଝି
ମିଳେ ଅପାର ଶାନ୍ତି
ନୂଆ ସକାଳେ ପ୍ରତି ମନରେ
କଥାଟି ଯିବା ବାଣ୍ଟି ।

ବୁଝାମଣାରେ ମିଳଇ ଶାନ୍ତି
କଣ୍ଟା ବି କରେ ଗେଲ
ବଇରୀ ହୁଏ ଭାରି ନିଜର
ଭଗାରି ପାଏ ଭଲ ।
ମିଠା କଥାରେ କିଣିବା ମନ
ସ୍ନେହ ଶରଧା ବୁଣି
ମିଠା କଥାରେ ପାରିବା ଆମେ
ବଇରୀ ମନ ଜିଣି ।

ମିଛ ମାୟାର ସଂସାରେ ମନ
ମିଛରେ ବାଇ ହୁଏ
ନିଜର ବୋଲି ଭାବନ୍ତି ଯାହା
ନିଜର କିଛି ନୁହେଁ ।

ନିଜର ଏକା ଜଗତ ନାଥ
ନିଜ ଭିତରେ ରହି
କିଏସେ ଭଲ କିଏସେ ମନ୍ଦ
ବାଟ ଦେଖାନ୍ତି ସେହି ।

ପ୍ରଭୁଙ୍କ ପ୍ରତି ରଖିଲେ ମନ
ବିପଦ ଯିବ ଟଳି
ସବୁ ସକାଳ ଲାଗିବ ନୂଆ
ନୂଆବରଷ ଭଳି ।
ମହାପ୍ରଭୁଙ୍କ ପାଦରେ ଆଜି
ଏତିକି ଆମ ଅଳି
ସାରା ଜଗତୁ ଅମା ଅନ୍ଧାର
ଦିଅ ହେ ପ୍ରଭୁ ଟାଳି ।

ନୂଆ ଆଲୁଏ ଝଲସି ଉଠୁ
ଆମ ଜଗତ ସାରା
ସୁଖ ଶାନ୍ତିରେ ହସୁ ଏ ଧରା
ମଧୁ ମହକ ଭରା ।
ମଙ୍ଗଳ ମୟ ମଙ୍ଗଳ ପ୍ରିୟ
ମଙ୍ଗଳ ଆବାହନ ମଙ୍ଗଳ ହେଉ
ମହୀ ମଣ୍ଡଳ
ପାଦରେ ନିବେଦନ ।

+ଶଙ୍କରପୁର, ଚୌଦ୍ୱାର,
କଟକ

## ନୂତନବର୍ଷର ଅଭିନନ୍ଦନ
### ତୃପ୍ତି ରାଣୀ ପାତ୍ର



ଅତୀତକୁ ଭୁଲିଯାଇ
ଚାଲ ସରବେ ଆମେ ଯିବାରେ
ଆଗକୁ ଆଗେଇ ଆଗେଇ
ତିକ୍ତ ଅତୀତକୁ ପଛରେ ପକାଇ
ହସି ହସାଇବା ସ୍ୱଚ୍ଛନ୍ଦ ମନଟି ନେଇ ।
ଭାରାକ୍ରାନ୍ତ ମନପ୍ରାଣରେ
ଶାନ୍ତି ସ୍ନିଗ୍ଧ ଉଷ୍ଣତା ବୁଣିଦେଇ
ପ୍ରେମର ଦୁନ୍ଦୁଭି ଭରିଦେଇ
ଆଶ୍ୱାସନା ସମ୍ଭାଷଣ ମମତା ହୃଦେ ଭରି
ସ୍ଥିର ଚିତ୍ତେ ଯିବା ସତ୍ପଥରେ ଆଗେଇ ।
ପୁରାତନ ଆସିଥିଲା
ନବ ଉଦ୍ଦୀପନା ହସ୍ତରେ ନେଇ
ଦେଇଗଲା କିଛି ସୁଖଦୁଃଖ ମିଶା
ସ୍ମୃତି ସ୍ୱାଦକୁ ଅଧରେ ଚଖାଇ ।
ଆସ ମିଳିମିଶି ଦେଖିବା ଧାଇଁ ଧାଇଁ
ମୋ ପ୍ରିୟ ଭଉଣୀ ଭାଇ

ନୂତନ ଆଣିଦେଇଛି ମଧୁପ୍ରୀତି
ଶାନ୍ତି ଦୟା, କ୍ଷମା, ସେବା ସମ୍ମୋହନର ବାର୍ତ୍ତା ନେଇ ।
ଧନଜନ ଜ୍ଞାନ ସମ୍ବର୍ଦ୍ଧନା ଆହରଣ କରି
ଚିରଦିନ କେହି ରହିନାହିଁ ରହିବେ ନାହିଁ
ଅନିତ୍ୟ ଜଗତ ମଧ୍ୟରେ ରହି
ଆଚାର ବିଚାରେ ମଧୁ ବୋଳିଦେଇ
ହସି ହସାଇବା ଆନେ
ନିଜ ଜୀବନ ପ୍ରଦୀପ ଜାଳିଦେଇ
ଟିକିଏ ଅମୃତ ଫଳ ଭରିଦେଇ
ଶୁଭେଚ୍ଛା ଅଭିନନ୍ଦନର ଗୀତ ଗାଇ
ଆହ୍ୱାନ କରିବା ଏହି ଦୁଇହଜାର ଛବିଶି
ମୁକ୍ତିସୁଧା ପ୍ରୀତି ମାଧୁରୀ ଧରି ।

+ସହଦେବଖୁଣ୍ଟା, ବାଲେଶ୍ୱର

## ଆସୁଛ ଆସ ନୂଆ ବରଷ
### ଦୀନବନ୍ଧୁ ପୋଇ



ଆସୁଛ ଆସ ନୂଆ ବରଷ
ନାହିଁ ତୁମକୁ ମନା
ସଭିଙ୍କୁ ତୁମେ ଶୁଭ ଦୃଷ୍ଟିରେ
ସାରା ବରଷ ଅନା ।
ମାଗିଲେ ଲାଞ୍ଚ ଦେବି ଅବଶ୍ୟ
ଶାନ୍ତ ରହିବ ସଦା
ଝଡ ବତାସ କରିବ ନାହିଁ
ହେଲେ କରିବୁ ନିନ୍ଦା ।
ତୁମ ଆଶିଷ ପାଇ ଅବଶ୍ୟ
ହୋଇବୁ ଆମେ ବଡ
ହେବୁ ବିଜ୍ଞାନୀ ଦକ୍ଷ ଯନ୍ତ୍ରିରି
ଗଢ଼ିବୁ ଦେଶେ ଗଡ ।
ନିଜ କରମ ଭୁଲି ମଣିଷ
ନେବାକୁ ଲାଞ୍ଚ ମାଗେ
କେମିତି ବିନା ଲାଞ୍ଚରେ ଦେବ
ମନେ ସନ୍ଦେହ ଜାଗେ ।

ସେପାଇଁ ଏଇ ମଣିଷ ଆଜି
ଆସିବ ବୋଲି ତୁମେ
ଫୁଲ ସଜାଇ ବାଜା ବଜାଇ
ଦେଉଛୁ ଲାଞ୍ଚ ଆମେ ଓ
ଦୁନିଆ ପରା ଚାହୁଁଛି ଆଜି
ତେଲିଆ ଶବ୍ଦ ଯେତେ
ତୁହି କେମିତି ଚାହିଁ ବୁନିରେ
ବିଶ୍ୱାସ ନାହିଁ ମୋତେ ।
ନିଅ କି ଲାଞ୍ଚ ନନିଅ ଲାଞ୍ଚ
ଆସ ହରଷ ହୋଇ
ଖୁସିରେ ରଖ ଜୀବ ଜଗତ
ଆପଣା ଭାବ ନେଇ ।

+ଗୋରଡା ପାଳ,
କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

## ହେ ନୂତନବର୍ଷ
### ରାମଚନ୍ଦ୍ର ବେହେରା



ନୂଆ ବର୍ଷ ତୁମେ ଦରଦୀ ପରାଣେ
ନୂତନ ଆଶାର ଜ୍ୟୋତି
ପରାଜୟ ପ୍ରାଣେ ଜିତିବାର ତୁମେ
ଆକାଂକ୍ଷିତ ସୁଖ ଶାନ୍ତି
ତୁମ ଶୁଭ ଆଗମନେ
ନୂଆ ସମ୍ଭାବନା ଉଦ୍ଭାସିତ ଆଜି
କୋଟି ମାନବର ପ୍ରାଣେ।

ତୁମ ପାଇଁ ଆଜି ସମଗ୍ର ବିଶ୍ୱରେ
ଖୁସିର ଲହରୀ ଖେଳେ
ନୂଆ ନୂଆ ଲାଗେ ଗାଆଁଠୁ ସହର
ପବିତ୍ର ଧରଣୀ କୋଳେ
ଜାତି ଧର୍ମ ଭୁଲି ଜନେ
ତୁମ ଅଭ୍ୟର୍ଥନା କରନ୍ତି ହରଷେ
ଭାତୃଭାବ ଭରି ମନେ।

ନୂଆ ବର୍ଷ ତୁମେ ଆସନ୍ତା କାଲିର
ଶାନ୍ତସ୍ନିଗ୍ଧ ପାରାବାର
ଭାଂଗି ପଡିଥିବା ହୃଦୟର ତୁମେ
ଯୋଡିବାର ଯାଦୁଗର
ଅସୁମାରୀ ଆଶା ନେଇ
ଆସୁଅଛ ତୁମେ ଶୀତ ସବାରିରେ
ପୀୟୂଷ ବାଣ୍ଟିବା ପାଇଁ।

ହେ ନୂତନ ବର୍ଷ ଦିଅ ଶୁଭାଶିଷ
ଶାନ୍ତିର ବାରତା ବହୁ
ବିଶ୍ୱ ସଂହତିରେ ସଭିଂକ ପରାଣେ
ଅହିଂସାର ଭାବ ଶୋହୁ
ପ୍ରାଣ ହେଉ ମଧୁଝରା
ମଧୁମୟ ହେଉ ତୁମ ବାରମାସ
ସ୍ୱର୍ଣ୍ଣପ୍ରସୂ ହେଉ ଧରା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସ୍ୱାଗତ ନୂଆବରଷ
### ଜଗମୋହନ ପ୍ରଧାନ



ନୂତନ ବର୍ଷରେ ନୂତନ ଦିନ ଯେ
ହାତ ଠାରି ଡାକିଲାଣି
ଶୀତ ସକାଳରେ
ସୁରୁଯ ଦେବ ଯେ
ନୂଆ ସ୍ୱପ୍ନ ବିଞ୍ଚିଲେଣି।

ନୂଆ ଭାବନାରେ
ନୂଆ ଚେତନାରେ
ଜାଗ୍ରତ ହେବାରେ ଆସ
ନୂଆ ଭବିଷ୍ୟତ ଗଢ଼ିବା ଆମେରେ
ସହିବ ଯେମିତି ଦେଶ।

ଆରମ୍ଭ ହିଁ ଶେଷ
ଶେଷ ଯେ ଆରମ୍ଭ
ବୁଝାଇ ଦବା ସଭିଙ୍କୁ
ନୂତନ ବର୍ଷରେ ହସ ଉଲ୍ଲାସରେ
ଶୁଭେଚ୍ଛା ଦବା ସଭିଙ୍କୁ।

ବିଦାୟ ନେଲାରେ ପଚିଶି ମସିହା
ସ୍ମୃତିର ପୁଟୁଳି ଧରି

ସ୍ୱାଗତ କରିବା ଛବିଶିକୁ ଆମେ
ନୂଆ ଉନ୍ମାଦନା ଭରି।

ନୂଆ ଆଶା ନେଇ
ନୂଆ ସ୍ୱପ୍ନ ନେଇ
ପାଳିବା ନୂଆ ବରଷ
ସଭିଙ୍କ ମନରେ
ଭରିଦେବା ଖୁସି
ହସୁଥିବେ ବାରମାସ।

+ଶକୁନ୍ତଳାପୁର,
ବଡ଼ଚଣା, ଯାଜପୁର
ମୋ: ୮୨୪୯୦୮୫୦୪୮

## ଆସିଅଛି ନୂଆ ବରଷ
### ନଳିନୀ ଦାଶ

ହେ ନବବର୍ଷ ଆଣ ଶାନ୍ତି ସଦ୍ ଭାବନା ସୁଖମୟ ଜୀବନ
ଉଜ୍ଜ୍ୱଳମୟ ହେଇଯାଉ ପ୍ରତିଟି ମୁହୂର୍ତ୍ତ ସୌଜନ୍ୟ ସପନ
ସ୍ୱାଗତ କରୁଛୁ ଆସି ତୁମେ ବୁହାଅ ସ୍ନେହ ମମତାର ଝର
ବିବାଦ ନରହୁ ମିଶି ଚଳନ୍ତୁ ସବୁ ଜାତି ଧର୍ମ ନିରନ୍ତର ।

ମେଷ, ଛାଗଳ କୁକୁଟଙ୍କ ମାଂସରେ ଜମଇ ଆସର
ଭୋଜି ମଜା ଖୁସି ସାଙ୍ଗେ ନୂଆବରଷଟି କରଇ ବିହାର
କେବେ ପିକନିକ୍ ସ୍ପଟରେତ କେବେ ସହର ଗଳିରେ
କେବେ ଅରଣ୍ୟ ମଧ୍ୟରେ ଜମିଥାଏ ପାହାଡ଼ କୋଳରେ ।

ଗାଆଁଠୁ ସହର କମ୍ପି ଉଠିଲାଣି ବାଜାବାଣ ରୋଷଣୀ ରେ
କରୁଛି ସ୍ୱାଗତ ଆସ ବନ୍ଧୁମିଳନ ଓ ନୃତ୍ୟ ସମାଗମରେ
ଆସଆସ ନୂଆବର୍ଷ ଧରାକୁ ବହିପୃଷ୍ଠା ଓଲଟିଲା ପରି
ନୂଆଆଶା ଉଦ୍ଦୀପନା ଇଚ୍ଛାଆକାଂକ୍ଷା ମନ ହୃଦୟରେ ଭରି
ହିତକାରି ହୋଇ ସୁଖବାଣ୍ଟି ହସିଉଠୁ ଏ ସୁନ୍ଦର ଧରଣୀ
ପ୍ରତି ଟିପାଦେ ବରଷି ଦିଅ ତୁମର ଆଶିଷ ଅମୃତ ଆଣି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

## ନୂଆବର୍ଷର ସଜ ସକାଳ
### ଡ. ଶିଶିର କୁମାର କର



ତୁମେ ନୂଆ ବର୍ଷର
ପ୍ରଥମ ସକାଳ
ନୂଆ ଆଶା, ନୂଆ ଶିହରଣ
ଅଭାବୀର ସ୍ୱପ୍ନର ଉଆସ
ଯାଦୁକର ପରି
ଆଖି ଝଟ୍‌କାରେ ବଦଳାଇ ପାର
ଦୁଃସ୍ଥିତି ଜଗତର ।

ତୁମେ ପ୍ରେମର ଆଖିରେ ଚାହିଁଲେ
ଥୁଣ୍ଟା ଗଛରେ ଫୁଟିବ ଫୁଲ
ଶୀତରେ ଥରୁଥିବା ପାଗିଳୀଟା
ପାଇଯିବ ଦାମୀ କମ୍ବଳ
ଲିଭିଯିବ ଛବିଶି ବିଧବାଙ୍କ
ଆଖିର ଲୁହ
ଆତଙ୍କବାଦୀଙ୍କ ଛାତିରେ
ଫୁଟିବ, ପ୍ରେମ ଶତଜଳ ।

ଥଣ୍ଡା ହେବ ପ୍ରତିହିଂସାର ନିଆଁ
ମିଳେଇ ଯିବ ଯୁଦ୍ଧର ଧୂଆଁ
ଯେତେଯେତେ ଜ୍ୱଳନ
କାମନା - ବାସନାର

ସବୁ ହେବ ଶାନ୍ତ - ଶୀତଳ
ସଜ ସକାଳର
କାକର ବିନ୍ଦୁରେ
ସମଗ୍ର ଜଗତ ହେବ ପ୍ରେମମୟ
ହସ ଫୁଟିବ ସଭିଙ୍କ ଓଠରେ ।

ନୂଆବର୍ଷ ! ତୁମ ପାଇଁ
ମାଟିର ଛାତି ଖୋଲି
କୃଷକ ପୋତୁଛି ବିହନ
ହୃଦ ଲଫାପା ଖୋଲି
ପଢୁଛି କବିତା - 'କବି'
ମିଠା ଲୁହରେ ଭରପୁର
ନୂଆବର୍ଷର ଜୀବନ୍ତ ସକାଳ
ମନରେ ଭରିଦିଏ
ନୂତନ ସଂଭାବନା
ସବୁଠି ବହୁଛି
ଅବିରତ ଶୀତୁଆ ପବନ ।

+ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ.-୯୭୭୮୫୪୩୮୯୭

## ନୂଆବର୍ଷ
### ନୀଳାମ୍ବର ପଣ୍ଡା



ପୁରୁଣା କ୍ୟାଲେଣ୍ଡରର
ଶେଷ ପତ୍ରଟି
ମୌନରେ ଓଲଟିଗଲା—
ସମୟ
ନିଜ ଅସ୍ତିତ୍ୱକୁ
ଆଉଥରେ ପ୍ରକଟିଲା
ନୂଆ ପରିଚୟ,
ନୂଆ ସଂଜ୍ଞାପନରେ।

ଗତକାଲିର ଡାଏରୀରେ
ଯେଉଁ ଅପୂର୍ଣ୍ଣ ସ୍ୱପ୍ନ ସବୁ
ନିଶ୍ୱାସ ନେଇ
ପଡ଼ି ରହିଥିଲେ ନିରବରେ
ସେମାନେ ଆଜି
ଆଲୋକକୁ ଦେଖି
ଉଜ୍ଜୀବିତ ହେଉଛନ୍ତି
ନିଜ ଅଭିଳାଷର ସାକାର ନିମିତ୍ତ।

ଏସମୟେ ଭୁଲ ଓ ତ୍ରୁଟିର
ଭାରିବୋଝ
ହୃଦୟରୁ ଖସାଇ
ଶିଖିବାକୁ ହେବ—
ଭାଙ୍ଗିଯାଇଥିବା ପ୍ରତ୍ୟେକ ମୁହୂର୍ତ୍ତ
ବି ହେଉଛି
ସମୟର ଶିଳାରେ
ଅଭିଜ୍ଞତାର ଏକ ଲେଖା।

ନୂଆ ବର୍ଷ
କେବଳ ତାରିଖର
ଅଦଳବଦଳ ନୁହେଁ—
ଏହା ହେଉଛି
ନିଜ ସହିତ
ନିରବ ଏକ ଆଲୋଚନା,

ଆତ୍ମସଂଶୋଧନର
ଧୀର, ଦୃଢ଼ ସଙ୍କଳ୍ପ।

ଆସ,
ଘୃଣାକୁ କ୍ଷମାରେ ଧୋଇ,
କ୍ଲାନ୍ତିକୁ ସାହସରେ ଜଡେଇ,
ଅନ୍ଧକାରକୁ
ଆଲୋକର ଅର୍ଥ ଦେଇ—
ଜୀବନକୁ ନୂଆ ଦୃଷ୍ଟିରେ
ନୂଆ ବିଚାରେ
ଆଗେଇ ନେବା
ସିଦ୍ଧତାର ଦିଗକୁ

ନୂଆ ବର୍ଷ ଆସୁ
ନୂଆ ମନସ୍କତା ସହ—
ଭଲ ମଣିଷ ହେବାର
ସରଳ,ଗଭୀର ସତ୍ୟଟିଏ
ଆଉଥରେ
ମନେ ପକାଇଦେବା ପାଇଁ...

+୭-କୋକିଳା କଟେଜ
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୧୦୨୧୮୩୦

## ନୂଆବରଷରେ
### ନିରଞ୍ଜନ ସାହୁ



ନୂଆ ବରଷରେ ପରିଭ୍ରମଣରେ
ଲାଗିଥାଏ ଭାରି ମଜା
ନୂଆ ବରଷରେ ନିଜକୁ ଟିକିଏ
ସାଙ୍ଗସାଥି ମେଳେ ହଜା ।

ନୂଆ ବରଷରେ ବଣଭୋଜି କରି
ପେଟ ଭରି ଖାଦ୍ୟ ଖାଅ
ନୂଆ ବରଷରେ ମନଖୁସି କରି
ମନଖୋଲା ଗୀତ ଗାଅ
ନୂଆ ବରଷରେ ନାଚ କରିବାକୁ
ବାଇଦ ଟିକିଏ ବଜା ।

ନୂଆ ବରଷରେ ଅଭିନନ୍ଦନର
ବାରତା ସଭିଙ୍କୁ ଦିଅ
ନୂଆ ବରଷରେ କାହାର ଶୁଭେଚ୍ଛା
ଗ୍ରହଣ ଯେ କରିନିଅ
ନୂଆ ବରଷରେ ମନେମନେ ଟିକେ
ନିଜକୁ ମଣୁଥା ' ରଜା ।

ନୂଆ ବରଷରେ ନୂଆ କାମ ପାଇଁ
ମନରେ ପ୍ରତିଜ୍ଞା କର

ନୂଆ ବରଷରେ ସଭିଙ୍କ ଓଠରେ
ଚେନାଏ ହରଷ ଭର
ନୂଆ ବରଷରେ
ବୁଲିକି ଭେଟୁଥା'
ପିଲାଠାରୁ ଆଈଅଜା ।

ନୂଆ ବରଷରେ ନିଜକୁ ଟିକିଏ
ସମୀକ୍ଷା କରିକି ଦେଖ
ନୂଆ ବରଷରେ ପଛ କଥା ଭୁଲି
ନୂଆ ଚିନ୍ତାଧାରା ଲେଖ
ନୂଆ ବରଷରେ ନିଜକୁ ଭାବନ୍ତୁ
ଓଳିଆରୁ ପଡ଼ି ଗଜା ।

+ନିହଲ ପ୍ରସାଦ,
ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

## ସମୟର ଖେଳ
### ଭାରତୀ ସରିତା ମହାନ୍ତି

ଦିନ ପରେ ଦିନ ବିତି ହୁଏ ମାସ
ମାସ ଯାଇ ବର୍ଷ ସରେ
ମିଛ ଦୁନିଆରେ ସତ ତ ଛଳନା
ଅଭିନୟ ସମ୍ପର୍କରେ ।

ସାରା ଜୀବନର ସାଇତା ସପନ
ପ୍ରତୀକ୍ଷାରେ ରହିଯାଏ
ଲୁହ ଧାର ବହି ଅନ୍ଧ ସାଜିବାକୁ
ଭାଗ୍ୟ ତା'ର ଲେଖିଥାଏ ।

ମୋ ପରେ ସର୍ବେ
ବାନ୍ଧି ହୋଇଗଲେ
ମୋ'ର କହି ଖୁସିପାଏ
ଅଙ୍ଗେ ଲିଭେଇଲେ ଅବସୋସ କରି
ମନକୁ ବୁଝେଇ ଦିଏ।

ଆଶା ଅସୁମାରୀ ଅଟ୍ଟାଳିକା ଦେଖି
ସ୍ମୃତି ଚିହ୍ନ ଆଖି ଖୋଜେ
ନିର୍ଜନ ରାତ୍ରୀରେ ନୀରବତା ଦେଖି
ଲୁହରେ ବୁକୁ ତା' ଭିଜେ।

ଆଶାର ପ୍ରଦୀପ ଲିଭିବା ଆଗରୁ
ଲୋଭ ମୋହ ସଦା ବଢ଼େ
ଆନନ୍ଦ ଉତ୍ସବେ ଦିନ ବିତିଯାଏ
ପୂର୍ଣ୍ଣଚନ୍ଦ୍ର ପରି ଛିଡେ ।

ଆଲୋକିତ ପଥ ଅନ୍ଧାର ହେବାକୁ
ଥାଏ ଆଉ ଅଳ୍ପ କ୍ଷଣ
ଦୁଃଖରେ ଜୀବନ ବିତେଇବା ପାଇଁ
ଲେଖା ଅଛି ଭାଗ୍ୟେ ଜାଣ।

ମଣିଷ ମରିବ ସବୁତ ସରିବ
ସ୍ମଶାନ ହେବ ନିଜର
ମୁଠାଏ ପାଉଁଶ ମାଟି ସହ ମିଶି
କରି ଦେବ ସାତପର ।

ମୋହ ତ୍ୟାଗ ନୁହେଁ ସହଜ ଉପାୟ
ଚୀର ଶତ୍ରୁ ମଣିଷର
ତା' ସାଥେ ରହନ୍ତି ଲୋଭ
କ୍ରୋଧ ହିଂସା
ସଜାନ୍ତି ସେ ସ୍ୱାର୍ଥପର ।

ରାଜାର ମୁକୁଟ ପିନ୍ଧିଦେଲା ପରେ
ରାଜ୍ୟ ଜୟ ଲକ୍ଷ୍ୟ ତା'ର
କାହା ରକତରେ ହୋଲି ଖେଳିବାକୁ
ବଦଳାଏ ବ୍ୟବହାର ।

ବଦଳି ଯାଇଛି ସମ୍ପର୍କର ମାନେ
ଭାବିଲେ ଲାଗୁଛି ଭୟ
ପୁତ୍ର କନ୍ୟା ଖାଲି ରୋଜଗାର କ୍ଷମ
ମାତା ପିତାଙ୍କର ଲୟ।

ସଂସ୍କାର ଦେବାକୁ ସମୟ ନିଅଣ୍ଟ
ସ୍ନେହ ମମତାକୁ ଛାଡି
ମାଆ ଗାଉ ନାହିଁ
ନାନା ବାୟା ଗୀତ
ପିଲା ଛାଡୁ ନାହିଁ ରଢ଼ି।

ମାତୃ ଗର୍ଭେ ରହି କରେ ଅନୁକ୍ଷଣ
ଶକୁନି ମନ୍ଥରା କେତେ
ଜନ୍ମ ହେଲା ପରେ
ପରସ୍ପର ସ୍ନେହ
ସପନ ହୋଇଛି ସତେ।

ବୈକୁଣ୍ଠ ସମାନ ଆହା ସେହି ଘର
ମୁଖରେ ରହେ କେବଳ
ଅଭିନୟେ ସର୍ବେ ଜୀବନ ବିତାନ୍ତି
ଅଟେ ସମୟର ଖେଳ।

+ବାଲିଆପାଳ,ବାଲେଶ୍ୱର

# ୨୦୨୬: ପ୍ରଯୁକ୍ତି, ପ୍ରଗତି ଓ ପରିବେଶର ପରୀକ୍ଷା

ସମୟର ଅବିରାମ ସ୍ରୋତରେ ଭାସି ଆମେ ଆଜି ୨୦୨୫ ମସିହାର ଅନ୍ତିମ ସୋପାନରେ ଛିଡ଼ା ହୋଇଛୁ ଏବଂ ଏକ ନୂତନ ବର୍ଷର ଅଭ୍ୟୁଦୟକୁ ଅପେକ୍ଷା କରିଛୁ । କ୍ୟାଲେଣ୍ଡରର ପୃଷ୍ଠା ଓଲଟି ୨୦୨୬ରେ ପଦାର୍ପଣ କରିବା କେବଳ ଏକ ତାରିଖର ପରିବର୍ତ୍ତନ ନୁହେଁ, ବରଂ ଏହା ବିଶ୍ୱ, ଦେଶ ଏବଂ ଆମ ରାଜ୍ୟ ଓଡ଼ିଶା ପାଇଁ ଆତ୍ମସମୀକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ବିଗତ ବର୍ଷଗୁଡ଼ିକରେ ଆମେ ଯେପରି ଅଭୂତପୂର୍ବ ବୈଷୟିକ ଅଗ୍ରଗତିର ସାକ୍ଷୀ ପାଲଟିଛୁ, ଠିକ୍ ସେହିପରି ଯୁଦ୍ଧ, ମହାମାରୀ ପରବର୍ତ୍ତୀ ଅର୍ଥନୈତିକ ଅସ୍ଥିରତା ଏବଂ ଜଳବାୟୁ ପରିବର୍ତ୍ତନର ଭୟାବହ ରୂପ ମଧ୍ୟ ଦେଖିଛୁ । ତେଣୁ ୨୦୨୬ ମସିହାକୁ କେବଳ ସୁଯୋଗର ବର୍ଷ ଭାବେ ଏକପାଖିଆ ଚିତ୍ରଣ ନକରି, ଏହାର ଆହ୍ୱାନ ଏବଂ ବାସ୍ତବତାକୁ ଏକ ସନ୍ତୁଳିତ ଦୃଷ୍ଟିଭଙ୍ଗୀରେ ବିଚାର କରିବା ଏକାନ୍ତ ଆବଶ୍ୟକ ।

ବିଶ୍ୱ ପରିପ୍ରେକ୍ଷୀରେ ୨୦୨୬ ଏକ ଅତ୍ୟନ୍ତ ଜଟିଳ ତଥା ନିର୍ଣ୍ଣାୟକ ସମୟ ହେବାକୁ ଯାଉଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (**IMF**) ଏବଂ ବିଶ୍ୱ ବ୍ୟାଙ୍କର ସଦ୍ୟତମ ଆକଳନ ଅନୁଯାୟୀ, ବିଶ୍ୱ ଅର୍ଥନୀତି ମନ୍ଥର ଗତିରେ ହେଲେ ମଧ୍ୟ ସ୍ଥିରତା ଆଡ଼କୁ ଗତି କରୁଛି, କିନ୍ତୁ ଏହି ଅଭିବୃଦ୍ଧି ସମସ୍ତ ରାଷ୍ଟ୍ର ପାଇଁ ସମାନ ନୁହେଁ। ୨୦୨୬ରେ 'ଡିଜିଟାଲ୍ ଡିଭାଇଡ୍' ବା ଡିଜିଟାଲ୍ ବୈଷମ୍ୟ ଏକ ବଡ଼ ଆହ୍ୱାନ ଭାବେ ଉଭା ହେବାର ଆଶଙ୍କା ରହିଛି । ଗୋଟିଏ ପଟେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (**AI**) ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଚିକିତ୍ସା ବିଜ୍ଞାନ ଓ ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ, କିନ୍ତୁ ଅନ୍ୟ ପଟେ ଏହା ନିଯୁକ୍ତି ବଜାର ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା କରାଯାଉଛି । ବିଶେଷଜ୍ଞଙ୍କ ମତରେ, ୨୦୨୬ ବେଳକୁ ସ୍ୱୟଂଚାଳିତ ବ୍ୟବସ୍ଥା (**Automation**) ଯୋଗୁଁ ପାରମ୍ପରିକ ଚାକିରି କ୍ଷେତ୍ର ସଙ୍କୁଚିତ ହୋଇପାରେ, ଯାହା ଭାରତ ଭଳି ଜନବହୁଳ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଚିନ୍ତାର କାରଣ ହେବ । ଏହାବ୍ୟତୀତ, ଭୂ-ରାଜନୈତିକ ଅସ୍ଥିରତା, ବିଶେଷକରି ୟୁରୋପ ଏବଂ ମଧ୍ୟ-ପ୍ରାଚ୍ୟରେ ଲାଗିରହିଥିବା ସଂଘର୍ଷ, ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ବାଧାପ୍ରାପ୍ତ କରିପାରେ, ଯାହାର ସିଧାସଳଖ ପ୍ରଭାବ ଅଶୋଧିତ ତୈଳ ଦର ଏବଂ ଖାଦ୍ୟ ସୁରକ୍ଷା ଉପରେ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଦୃଷ୍ଟିକୋଣରୁ ୨୦୨୬ ଏକ 'ଟିପିଂ ପଏଣ୍ଟ' ହୋଇପାରେ। ଯଦିଓ ବିଶ୍ୱ ସ୍ତରରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଉଛି, ତଥାପି କାର୍ବନ ନିର୍ଗମନ ହ୍ରାସ କରିବାର ଲକ୍ଷ୍ୟ ହାସଲ କରିବା କଷ୍ଟକର ମନେହୁଏ । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଏବଂ ଅପ୍ରତ୍ୟାଶିତ ବନ୍ୟା ୨୦୨୬ରେ ବିଶ୍ୱ ଅର୍ଥନୀତି ପାଇଁ ବଡ଼ ବିପଦ ସାଜିପାରେ ।

ଭାରତ ପାଇଁ ୨୦୨୬ ଏକ ମିଶ୍ରିତ ଫଳାଫଳର ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଦ୍ୱାରଦେଶରେ ଉପନୀତ ହୋଇଛି । ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ଲକ୍ଷ୍ୟ ପୂରଣ ଦିଗରେ ଦେଶ ଅଗ୍ରସର ହେଉଛି ସତ, କିନ୍ତୁ ମୁଣ୍ଡପିଛା ଆୟ (**Per Capita Income**) ଏବଂ ଆୟ ଅସମାନତା ଏବେ ବି ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ୨୦୨୬ରେ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୫% ରୁ ୭% ମଧ୍ୟରେ ରହିବାର ଆଶା କରାଯାଉଛି, ଯାହା ବିଶ୍ୱର ଅନେକ ବିକଶିତ ଦେଶ ତୁଳନାରେ ଯଥେଷ୍ଟ ଭଲ । 'ମେକ୍ ଇନ୍ ଇଣ୍ଡିଆ' ଏବଂ ସେମିକଣ୍ଡକ୍ଟର ମିଶନ୍ ଫଳରେ ଉତ୍ପାଦନ କ୍ଷେତ୍ରରେ କିଛି ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ଅଛି । ତେବେ, 'ନିଯୁକ୍ତି ବିହୀନ ଅଭିବୃଦ୍ଧି' (**Jobless Growth**) ର ଭୟ ଏବେ ବି ଦୂର ହୋଇନାହିଁ । ଦେଶର ବିପୁଳ ଯୁବପିଢ଼ିଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ପରୀକ୍ଷା ହେବ । ୨୦୨୬ରେ ଭାରତର ମହାକାଶ ଗବେଷଣା, ବିଶେଷକରି 'ଗଗନଯାନ' ମିଶନର ସଫଳତା ଦେଶର ବୈଜ୍ଞାନିକ ଦକ୍ଷତାକୁ ବିଶ୍ୱ ଦରବାରରେ ପ୍ରମାଣିତ କରିବ ବୋଲି ଆଶା କରାଯାଏ । କିନ୍ତୁ ସାମାଜିକ ସ୍ତରରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ଥିବା ଆଞ୍ଚଳିକ ବୈଷମ୍ୟକୁ ଦୂର କରିବା ପାଇଁ ଅଧିକ ବଜେଟ୍ ଆବଣ୍ଟନ ଏବଂ କଠୋର ନୀତିର ଆବଶ୍ୟକତା ରହିଛି । ରାଜନୈତିକ ସ୍ତରରେ, ପରିସୀମା ପୁନଃନିର୍ଦ୍ଧାରଣ (**Delimitation**) ସମ୍ପର୍କିତ ଚର୍ଚ୍ଚା ୨୦୨୬ରେ ଜୋର ଧରିପାରେ, ଯାହା ଦକ୍ଷିଣ ଏବଂ ଉତ୍ତର ଭାରତ ମଧ୍ୟରେ ରାଜନୈତିକ ସନ୍ତୁଳନ ନେଇ ବିତର୍କ ସୃଷ୍ଟି କରିବାର ସମ୍ଭାବନା ଅଛି ।

ଓଡ଼ିଶା ପାଇଁ ୨୦୨୬ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ । ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ, ୨୦୨୬ରେ ରାଜ୍ୟର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାର ପ୍ରବଳ ଚାପ ରହିବ। ରାଜ୍ୟ ସରକାରଙ୍କ ଶିଳ୍ପାୟନ ନୀତି ଯୋଗୁଁ ଇସ୍ପାତ, ଆଲୁମିନିୟମ ଏବଂ ଆଇଟି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ଅଗ୍ରଗତି ଏବଂ ଅନ୍ତର୍ଜାତୀୟ ବିମାନ ବନ୍ଦରର ସମ୍ପ୍ରସାରଣ ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବ । ସରକାରୀ ତଥ୍ୟ ଅନୁଯାୟୀ, ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାରଠାରୁ ଅଧିକ ରହିବାର ଆକଳନ କରାଯାଉଛି । କିନ୍ତୁ ଏହି ବିକାଶର ଅନ୍ୟ ଏକ ଦିଗ ରହିଛି ଯାହାକୁ ଆମେ ଆଦୌ ଅଣଦେଖା କରିପାରିବା ନାହିଁ । ଶିଳ୍ପାୟନ ବଢ଼ିବା ସହିତ ପରିବେଶ ସୁରକ୍ଷା ଏବଂ ବିସ୍ଥାପନ ସମସ୍ୟା ୨୦୨୬ରେ ଉତ୍କଟ ରୂପ ଧାରଣ କରିପାରେ । ଖଣି ଖନନ ଅଞ୍ଚଳରେ ଆଦିବାସୀମାନଙ୍କ ଜୀବିକା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ସରକାରଙ୍କ ପାଇଁ ଏକ କଷ୍ଟକର ବ୍ୟାପାର ହେବ । କୃଷି କ୍ଷେତ୍ରରେ, ଯଦିଓ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି, ତଥାପି ଜଳସେଚନର ଅଭାବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କୃଷକମାନଙ୍କ ଆୟରେ ଆଶାନୁରୂପ ବୃଦ୍ଧି ଘଟୁନାହିଁ । ପଶ୍ଚିମ ଓଡ଼ିଶାରୁ ଦାଦନ ଶ୍ରମିକ ଚାଲାଣ ଏବଂ ଉପକୂଳ ଓଡ଼ିଶାରେ ବାତ୍ୟା ଜନିତ କ୍ଷୟକ୍ଷତି ୨୦୨୬ରେ ମଧ୍ୟ ପ୍ରମୁଖ ଆହ୍ୱାନ ହୋଇ ରହିବ । ତେଣୁ, 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନ କେବଳ ସହରାଞ୍ଚଳ ବିକାଶରେ ସୀମିତ ନ ରହି ଗ୍ରାମାଞ୍ଚଳର ମୌଳିକ ସମସ୍ୟା ସମାଧାନ ଦିଗରେ କେତେ ସଫଳ ହେଉଛି, ତାହା ୨୦୨୬ରେ ପରୀକ୍ଷା କରାଯିବ ।

୨୦୨୬ ମସିହାକୁ କେଉଁ ବିଷୟଗୁଡ଼ିକ ପରିଭାଷିତ କରିବ ? ପ୍ରଥମତଃ, ଏହା 'କ୍ରୀଡ଼ା ଓ ବାଣିଜ୍ୟର ମହାମିଳନ'ର ବର୍ଷ ହେବ । ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ଏବଂ ଉତ୍ତର ଆମେରିକାରେ ହେବାକୁ ଥିବା ଫିଫା ବିଶ୍ୱକପ୍ କେବଳ ମନୋରଞ୍ଜନ ନୁହେଁ, ବରଂ ଅର୍ଥନୀତିର ଏକ ବଡ଼ ଚାଳକ ଶକ୍ତି ହେବ । ଦ୍ୱିତୀୟତଃ, ୨୦୨୬ ହେବ '**AI** ର ବାସ୍ତବତା' (**AI Reality Check**) ର ବର୍ଷ । ଏତେ ଦିନ ଧରି ଚାଲିଥିବା ଚର୍ଚ୍ଚା ପରେ, ୨୦୨୬ରେ ଆମେ ଦେଖିବାକୁ ପାଇବା ଯେ ଇଓ କିପରି ଆମ ଦୈନନ୍ଦିନ ଜୀବନର ଗୋପନୀୟତା (**Privacy**) କୁ ଉଲ୍ଲଂଘନ କରୁଛି କିମ୍ବା ସୁବିଧା ଯୋଗାଉଛି । ଡିପ୍ ଫେକ୍ (**Deepfake**) ଭିଡିଓ ଏବଂ ସାଇବର ଠକେଇର ମୁକାବିଲା ପାଇଁ ନୂତନ ଆଇନ ପ୍ରଣୟନ ଏହି ବର୍ଷର ଏକ ପ୍ରମୁଖ ଘଟଣା ହୋଇପାରେ । ତୃତୀୟତଃ, ସ୍ୱାସ୍ଥ୍ୟସେବାରେ ବୈଷମ୍ୟ ଏକ ବଡ଼ ପ୍ରସଙ୍ଗ ହେବ । ନୂତନ ଔଷଧ ଓ ଚିକିତ୍ସା ପଦ୍ଧତି ଆବିଷ୍କୃତ ହେଉଥିଲେ ମଧ୍ୟ, ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ, ତାହା ୨୦୨୬ରେ ଏକ ବିତର୍କର ବିଷୟ ହେବ ।

ପରିଶେଷରେ, ୨୦୨୬ ମସିହା ଆମ ପାଇଁ କେବଳ ଏକ ନୂତନ ବର୍ଷ ନୁହେଁ, ବରଂ ଏହା ସୁଯୋଗ ଏବଂ ସତର୍କତାର ଏକ ମିଶ୍ରଣ । ବିକାଶର ଅର୍ଥ କେବଳ ଅଟ୍ଟାଳିକା ନିର୍ମାଣ କିମ୍ବା ଜିଡିପି ଅଙ୍କ ବୃଦ୍ଧି ନୁହେଁ, ବରଂ ସମାଜର ଶେଷ ବ୍ୟକ୍ତି ପାଖରେ ଏହାର ସୁଫଳ ପହଞ୍ଚିବା । ଯଦି ଆମେ ପ୍ରଯୁକ୍ତିବିଦ୍ୟାର ସଦୁପଯୋଗ କରିବା ସହ ପରିବେଶ ପ୍ରତି ସମ୍ବେଦନଶୀଳ ରହିବା, ତେବେ ୨୦୨୬ ଏକ ସ୍ମରଣୀୟ ବର୍ଷ ହୋଇପାରିବ । ଓଡ଼ିଶା ତଥା ଭାରତ ପାଇଁ ଏହି ବର୍ଷଟି ନିଜର ଦୁର୍ବଳତାକୁ ସୁଧାରି ଶକ୍ତିକୁ ସୁଦୃଢ଼ କରିବାର ସୁଯୋଗ ଆଣିଛି । ଆଶା କରାଯାଏ, ନୀତି ନିର୍ଦ୍ଧାରକ, ଶିଳ୍ପପତି ଏବଂ ସାଧାରଣ ଜନତା ମିଳିତ ଭାବେ ଏକ ସନ୍ତୁଳିତ ପନ୍ଥା ଗ୍ରହଣ କରିବେ, ଯାହା ଦ୍ୱାରା ୨୦୨୬ର ଆହ୍ୱାନଗୁଡ଼ିକ ସମାଧାନ ହୋଇପାରିବ ଏବଂ ସୁଯୋଗଗୁଡ଼ିକ ବାସ୍ତବ ରୂପ ନେବ । ଭବିଷ୍ୟତ କେବଳ ଭାଗ୍ୟ ଉପରେ ନିର୍ଭର କରେ ନାହିଁ, ବରଂ ବର୍ତ୍ତମାନର କର୍ମ ଓ ନିଷ୍ପତ୍ତି ଉପରେ ନିର୍ଭର କରେ, ଏବଂ ୨୦୨୬ ଆମକୁ ସେହି ସଠିକ୍ ନିଷ୍ପତ୍ତି ନେବାର ଆହ୍ୱାନ ଦେଉଛି ।

# ଆସିଛି ନୂଆବର୍ଷ



ପ୍ରଦେଶ ପ୍ରତ୍ୟୁଷ

ଆସିଛି ନୂଆ ବର୍ଷ ୨୦୨୬। ଏହା କେବଳ କ୍ୟାଲେଣ୍ଡରରେ ତାରିଖ ପରିବର୍ତ୍ତନ ନୁହେଁ; ଏହା ମଣିଷ ମନରେ ଏକ ନୂଆ ଆଶା, ନୂଆ ଆତ୍ମବିଶ୍ୱାସ ଓ ନୂଆ ସଂକଳ୍ପର ଆଗମନ। ପୁରୁଣା ବର୍ଷର ସମସ୍ତ ସଫଳତା ଓ ବିଫଳତାକୁ ପଛରେ ରଖି, ଜୀବନକୁ ଆଉ ଏକ ନୂଆ ଦୃଷ୍ଟିକୋଣରୁ ଦେଖିବାର ସୁଯୋଗ ଆଣି ଦେଇଥାଏ ଏହି ନୂଆ ବର୍ଷ। ପ୍ରତ୍ୟେକ ନୂଆ ବର୍ଷ ମଣିଷକୁ ପଚାରେ ଗତବର୍ଷ ଠାରୁ ତୁମେ କ'ଣ ଶିଖିଲ ଓ ଏଥର କେମିତି ଜୀବନ ବଞ୍ଚିବାକୁ ଚାହୁଁଛ ?

ଗତ ବର୍ଷଟି ଅନେକଙ୍କ ପାଇଁ ସଂଘର୍ଷରେ ପରିପୂର୍ଣ୍ଣ ଥିଲା। କାହାରି ପାଇଁ ଆର୍ଥିକ ସମସ୍ୟା, କାହାରି ପାଇଁ ସ୍ୱାସ୍ଥ୍ୟ ଚିନ୍ତା, ତ ଆଉ କାହାରି ପାଇଁ ସମ୍ପର୍କରେ ଭଙ୍ଗାରୁଜା ପୂର୍ଣ୍ଣଚ୍ଛେଦ। କିନ୍ତୁ ଏହି ସମସ୍ତ ଅଭିଜ୍ଞତା ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇ ଯାଇଛି—ଜୀବନ ମାନେ କେବଳ ସୁଖ ନୁହେଁ, ସଂଘର୍ଷ ହିଁ ଏହାର ନିରାଟ ସତ୍ୟ।

ସଂଘର୍ଷ ମନୁଷ୍ୟକୁ ଭାଙ୍ଗେ ନାହିଁ, ବରଂ ଗଢ଼େ। ଯେଉଁ ମନୁଷ୍ୟ ସଂଘର୍ଷକୁ ଭୟ କରେ, ସେ ଜୀବନର ଆଗକୁ ବଢ଼ିବାର ଶକ୍ତି ହରାଇ ଦିଏ। କିନ୍ତୁ ଯିଏ ଅସୁବିଧାକୁ ସ୍ୱୀକାର କରି, ଧୈର୍ଯ୍ୟ ଓ ପରିଶ୍ରମ ସହ ତାହାର ସାମନା କରେ, ସଫଳତା ନିଶ୍ଚୟ ତାଙ୍କ ପାଖକୁ ଆସେ। ନୂଆ ବର୍ଷ ଆମକୁ ଏହି ସତ୍ୟକୁ ପୁନର୍ବାର ସ୍ମରଣ କରାଇ ଦିଏ।

ନୂଆ ବର୍ଷର ଆଗମନ ସହ ଅନେକ ଲୋକ ରିଜଲୁସନ ନେଇଥାନ୍ତି। କିନ୍ତୁ ରିଜଲୁସନ କେବଳ କାଗଜରେ ବା କଥାରେ ସୀମିତ ରହିଲେ ତାହାର ମୂଲ୍ୟ ନଥାଏ। ଆବଶ୍ୟକ ହେଉଛି ଆଚରଣରେ ପରିବର୍ତ୍ତନ। ସମୟର ମୂଲ୍ୟ ବୁଝିବା, ଶ୍ରମକୁ ସମ୍ମାନ କରିବା, ନିଜ ଲକ୍ଷ୍ୟ ପ୍ରତି ସତ୍ୟନିଷ୍ଠ ରହିବା—ଏହି ସବୁ ହେଉଛି ସଠିକ୍ ରିଜଲୁସନର ମୂଳ ଆଧାର।

ସକାରାତ୍ମକ ଦୃଷ୍ଟିକୋଣ ହେଉଛି ସଫଳ ଜୀବନର ସବୁଠୁ ବଡ଼ ଶକ୍ତି। ଅନ୍ଧକାର ମଧ୍ୟରେ ଆଲୋକ ଖୋଜିବା, ବିଫଳତାକୁ ଶେଷ ନୁହେଁ ବରଂ ଶିକ୍ଷା ଭାବେ ଗ୍ରହଣ କରିବା, ଏବଂ ନିଜ ଉପରେ ଭରସା ରଖିବା—ଏହି ମାନସିକତା ମଣିଷକୁ ଆଗକୁ ବଢ଼ାଇଥାଏ।

ଆଜି ଯେତେବେଳେ ନୂଆ ବର୍ଷ ଆରମ୍ଭ ହେଉଛି, ସେତେବେଳେ ଆମେ ସମସ୍ତେ ଏକ ସଂକଳ୍ପ ନେବା ଆବଶ୍ୟକ—ନିଜ ଜୀବନକୁ ସଠିକ୍ ଦିଗରେ ନେବାର। ହତାଶାକୁ ତ୍ୟାଗ କରି, ଆଶାକୁ ସହଯାତ୍ରୀ କରି, ସତ୍ୟ ଓ ପରିଶ୍ରମର ପଥରେ ଆଗକୁ ବଢ଼ିବା ହିଁ ହେଉଛି ଏହି ନୂଆ ବର୍ଷର ସବୁଠୁ ଉତ୍ତମ ସନ୍ଦେଶ ବା ବିର୍ତ୍ତା।

ନୂଆ ବର୍ଷ ଆମକୁ ଏକ ନୂଆ ସୁଯୋଗ ଦେଇଛି—ନିଜକୁ ନୂଆ ଭାବେ ଗଢ଼ିବାର, ନିଜ ସ୍ୱପ୍ନକୁ ପୁନଃ ସାକାର କରି ନୂତନତ୍ୱ ଭରି ଦେବାର। ଆସନ୍ତୁ, ଏହି ନୂଆ ବର୍ଷକୁ କେବଳ ପାଳନ ନୁହେଁ, ଅର୍ଥପୂର୍ଣ୍ଣ କରିବା।

ଏହି ନୂଆ ବର୍ଷରେ ଆମେ କିଛି ପ୍ରତିଶ୍ରୁତି ନେବା ଆବଶ୍ୟକ— ନିଜ ପାଇଁ, ନିଜ ଭବିଷ୍ୟତ ପାଇଁ। ଗତକାଲିର ଅଭିଯୋଗକୁ ଭୁଲି ଆଜିକୁ ସର୍ବୋତ୍ତମ କରିବାର ପ୍ରତିଶ୍ରୁତି। ନିଜ ଅଭାବକୁ ଦୁର୍ବଳତା ନୁହେଁ, ଶକ୍ତିରେ ପରିଣତ କରିବାର ସଂକଳ୍ପ। ଅନ୍ୟମାନଙ୍କ ସଫଳତାକୁ ଇର୍ଷା ନୁହେଁ, ପ୍ରେରଣା ଭାବେ ଗ୍ରହଣ କରିବାର ନିଷ୍ପତ୍ତି। ନିଜ ସ୍ୱପ୍ନ ପାଇଁ ଦିନେ ଦିନେ ଅଳ୍ପ ଅଳ୍ପ ଆଗକୁ ବଢ଼ିବାର ଶପଥ। ସକାରାତ୍ମକ ଦୃଷ୍ଟିକୋଣ—ସଫଳତାର ଚାବି। ଜୀବନକୁ ସକାରାତ୍ମକ ଦିଗରେ ନେବା ମାନେ ସମସ୍ୟା ନଥିବା ଜୀବନ ନୁହେଁ, ବରଂ ସମସ୍ୟା ମଧ୍ୟରେ ଆଶା ଖୋଜି ପାରିବାର ଶକ୍ତି। ଯେତେବେଳେ ମନ ଭାଙ୍ଗିଯାଏ, ସେତେବେଳେ ନିଜକୁ କୁହ— "ମୁଁ ଆଜି ହାରିନି, ମୁଁ ଆଜି ଶିଖିଲି।"

ଯେତେବେଳେ ରାସ୍ତା ଅନ୍ଧାର ଲାଗେ, ସେତେବେଳେ ଏକ ଛୋଟ ଆଶାର ଦୀପ ଆମକୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦିଏ।

ଆସନ୍ତୁ, ଏହି ନୂଆ ବର୍ଷରେ ଆମେ ନିଜକୁ ନିଜେ ପ୍ରତିଜ୍ଞା କରିବା—

ମୁଁ ହାରିଲେ ମଧ୍ୟ ଭାଙ୍ଗିବି ନାହିଁ,
ମୁଁ ଗଡ଼ି ପଡ଼ିଲେ ମଧ୍ୟ ଉଠିବି,
ମୁଁ ସ୍ୱପ୍ନ ଦେଖିବା ଛାଡ଼ିବି ନାହିଁ।

ମହାତ୍ମା ଗାନ୍ଧୀ କହିଥିଲେ— "ଆଗାମୀକାଲିକୁ ପରିବର୍ତ୍ତନ କରିବାକୁ ଚାହୁଁଛ, ତେବେ ଆଜି ନିଜକୁ ପରିବର୍ତ୍ତନ କର।" ନୂଆ ବର୍ଷର ମୂଳ ଦର୍ଶନ ମଧ୍ୟ ଏହାହିଁ। ଆମେ ଅନେକ ସମୟରେ ନୂଆ ବର୍ଷକୁ ନୂଆ ସ୍ୱପ୍ନର ଭାର ଦେଇଦିଅ, କିନ୍ତୁ ନିଜକୁ ବଦଳାଇବାର ସାହସ କମ୍ ଦେଖାଉ। ଗାନ୍ଧୀଙ୍କ ଜୀବନ ଆମକୁ ଶିଖାଏ—ସରଳତା, ସତ୍ୟ ଓ ନୀତିରେ ହିଁ ସଫଳ ଜୀବନର ମୂଳ ରହିଛି।

ସ୍ୱାମୀ ବିବେକାନନ୍ଦ କହିଥିଲେ— "ଉଠ, ଜାଗ, ଲକ୍ଷ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ରୁକିନି।" ନୂଆ ବର୍ଷ ଏହି ବାର୍ତ୍ତାକୁ ଆଉ ଅଧିକ ସାର୍ଥକ କରେ। ଜୀବନରେ ଅନେକ ବିଫଳତା ଆସିପାରେ, କିନ୍ତୁ ରୁକିଯିବା ହିଁ ସବୁଠାରୁ ବଡ଼ ହାର। ବିବେକାନନ୍ଦଙ୍କ ଦର୍ଶନ ଆମକୁ କୁହେ— ଆତ୍ମବିଶ୍ୱାସ ଓ କର୍ମଠତା ଥିଲେ ଯେକୌଣସି ନୂଆ ବର୍ଷ ଜୀବନର ନୂଆ ଦିଗ ଖୋଲିପାରେ।

ରବୀନ୍ଦ୍ରନାଥ ଟାଗୋର କହିଥିଲେ—"ଗତକାଲିର ଭାର ଯଦି ଆଜିକୁ ଦବାଇ ରଖିବ, ତେବେ ଆଗାମୀକାଲି ଅନ୍ଧାର ହୋଇଯିବ।" ନୂଆ ବର୍ଷ ଆସିଲେ ପୁରୁଣା ଦୁଃଖ, ଅଭିଯୋଗ ଓ ଅସଫଳତାକୁ ପଛରେ ରଖିବାର ସମୟ। ରବୀନ୍ଦ୍ରନାଥ ଟାଗୋରଙ୍କ ଚିନ୍ତାଧାରା ଆମକୁ ଶିଖାଏ—ଜୀବନ ସୌନ୍ଦର୍ଯ୍ୟରେ ଭରିଥାଏ, ଆମେ ଖୋଲା ମନରେ ତାହାକୁ ଗ୍ରହଣ କରି ପାରିବା। ଡା. ଏ.ପି.ଜେ. ଅବଦୁଲ କଲାମ କହିଥିଲେ—"ସ୍ୱପ୍ନ ଦେଖ, କାରଣ ସ୍ୱପ୍ନ ହିଁ ଚିନ୍ତାକୁ ଜନ୍ମ ଦେଉଛି, ଚିନ୍ତା ହିଁ କାର୍ଯ୍ୟକୁ।" ନୂଆ ବର୍ଷ ସ୍ୱପ୍ନ ଦେଖିବାର ସବୁଠାରୁ ଭଲ ସମୟ। କଲାମଙ୍କ ଜୀବନ ଆମକୁ ଶିଖାଏ— ସାଧାରଣ ପରିସ୍ଥିତିରୁ ମଧ୍ୟ ଅସାଧାରଣ ସଫଳତା ଆସିପାରେ, ଯଦି ସ୍ୱପ୍ନ ସହ ପରିଶ୍ରମ ଯୋଡ଼ାଯାଏ।

ଆଲବର୍ଟ ଆଇନଷ୍ଟାଇନ କହିଥିଲେ— "ଜୀବନ ହେଉଛି ସାଇକେଲ ଚଳାଇବା ପରି, ସନ୍ତୁଳନ ରଖି ଆଗକୁ ଚାଲିବାକୁ ହୁଏ।"

ନୂଆ ବର୍ଷ ଆମକୁ ଏହି ସତ୍ୟ ସ୍ମରଣ କରାଏ—ଅଟକି ଗଲେ ଜୀବନର ସନ୍ତୁଳନ ଭାଙ୍ଗି ଯାଏ। ଆଗକୁ ବଢ଼ିବା, ପରିବର୍ତ୍ତନକୁ ଗ୍ରହଣ କରିବା ହିଁ ସଠିକ୍ ଜୀବନ ଦର୍ଶନ। ନୂଆ ବର୍ଷକୁ ନେଇ ଏହି ସମସ୍ତ ମହାପୁରୁଷଙ୍କ ବାର୍ତ୍ତାର ସାରକଥା ଏକ—ଜୀବନକୁ ସଚେତନ, ସକାରାତ୍ମକ ଓ ଅର୍ଥପୂର୍ଣ୍ଣ କରିବା। ନୂଆ ବର୍ଷ ଆମକୁ କୌଣସି ଯାଦୁ ଦେଇ ଯାଏନି, କିନ୍ତୁ ନୂଆ ଭାବେ ଚିନ୍ତା କରିବାର ସୁଯୋଗ ନିଶ୍ଚୟ ଦେଇଯାଏ।

ଆସିଛି ନୂଆ ବର୍ଷ—

ଆସନ୍ତୁ, ମହାପୁରୁଷମାନଙ୍କ ଜୀବନ ଦର୍ଶନକୁ ଆଦର୍ଶ କରି ନିଜ ଜୀବନକୁ ନୂଆ ଆଲୋକରେ ଉଦ୍ଭାସିତ କରିବା।

+କୁରୁମଟାଙ୍ଗର, ମହୁଲ ପଡ଼ା,
ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭

# ନୂତନ ବର୍ଷ - ୨୦୨୬କୁ ଆହ୍ୱାନ



ଡକ୍ଟର ଲକ୍ଷ୍ମଣ ସାହୁ

ଗୋଟିଏ ବର୍ଷକୁ ବିଦାୟ ଓ ଆଉ ଗୋଟିଏ ବର୍ଷକୁ ସ୍ୱାଗତ କରିବାର ପ୍ରୟାସ । ବର୍ଷର ଶେଷ କେବଳ ଏକ କ୍ୟାଲେଣ୍ଡର ତାରିଖ ନୁହେଁ, ବରଂ ଏହା ସହିତ ଭୟ, ଆଶା ଓ ସମ୍ଭାବନାର ଏକ ସମଗ୍ର ବିଶ୍ୱ ଆଣିଥାଏ। ୨୦୨୫ ଶେଷ ଓ ୨୦୨୬ ର ଆଗମନ ସହିତ, ବିଶ୍ୱ ଏଭଳି ଏକ ଘଡିସନ୍ଧିରେ ଠିଆ ହୋଇଥିବା ପରି ମନେହୁଏ, ଯେଉଁଠାରେ ରାଜନୀତି, ନୀତି ନିର୍ଦ୍ଧାରଣ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି ଓ ଭୂରାଜନୀତି ପରସ୍ପର ସହିତ ଜଡିତ ଓ ଭବିଷ୍ୟତକୁ ଆକାର ଦେଉଛନ୍ତି । ଇତିହାସ ସାକ୍ଷୀ ଅଛି ଯେ ଯେତେବେଳେ ବି ବିଶ୍ୱ ପରିବର୍ତ୍ତନର ସମୟ ଦେଇ ଗତି କରେ, ଭବିଷ୍ୟତ ବିଷୟରେ ଭବିଷ୍ୟବାଣୀ ଆଲୋଚନାର କେନ୍ଦ୍ରକୁ ଆସିଯାଏ ।

ଫ୍ରାନ୍ସର ପ୍ରସିଦ୍ଧ ଭବିଷ୍ୟବକ୍ତା ନୋଷ୍ଟ୍ରାଡାମସ୍ ହୁଅନ୍ତୁ କିମ୍ବା ବୁଲଗେରିଆର ରହସ୍ୟମୟ ଭବିଷ୍ୟବକ୍ତା ବାବା ଭାଙ୍ଗା ହୁଅନ୍ତୁ, ପ୍ରତ୍ୟେକ ବଡ଼ ପରିବର୍ତ୍ତନ ପୂର୍ବରୁ ସେମାନଙ୍କର କଥା ପୁନର୍ଜୀବିତ ହୁଏ । ୨୦୨୬ ଆଗମନ ପାଇଁ ଭବିଷ୍ୟବାଣୀ ମଧ୍ୟ ଖବରରେ ରହିଛି । ପୂର୍ବ ଓ ପଶ୍ଚିମ ମଧ୍ୟରେ ବଢ଼ୁଥିବା ଉତ୍ତେଜନା, ଦୀର୍ଘ ଯୁଦ୍ଧ, ରକ୍ତପାତ ଓ ପ୍ରଯୁକ୍ତିବିଦ୍ୟା ବିପ୍ଳବକୁ ଉଲ୍ଲେଖ କରି । ଏହି ଭବିଷ୍ୟବାଣୀଗୁଡ଼ିକୁ ସମ୍ପୂର୍ଣ୍ଣ ସତ୍ୟ ଭାବରେ ଗ୍ରହଣ କରିବା ସମ୍ଭବ କିମ୍ବା ଆବଶ୍ୟକ ନୁହେଁ, କିନ୍ତୁ ଏଗୁଡ଼ିକ ନିଶ୍ଚିତ ଭାବରେ ସୂଚାଇ ଦିଅନ୍ତି ଯେ ଆଗାମୀ ସମୟ ସହଜ ଓ ସରଳ ହେବ ନାହିଁ । ଏହି ବକ୍ତବ୍ୟଗୁଡ଼ିକର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ସେମାନଙ୍କର ଅସ୍ପଷ୍ଟତା, ଯାହା ବିଭିନ୍ନ ପ୍ରସଙ୍ଗରେ ଏଗୁଡ଼ିକୁ ପ୍ରାସଙ୍ଗିକ କରିଥାଏ । ଏହି କାରଣରୁ ଇତିହାସକାର ଓ ନୀତି ବିଶ୍ଳେଷକମାନେ ଏଗୁଡ଼ିକୁ ପ୍ରତୀକାତ୍ମକ ଚେତାବନୀ ଭାବରେ ଦେଖିଥାନ୍ତି । ବାସ୍ତବ ସତ୍ୟ ଭାବରେ ନୁହେଁ । ବିଶ୍ୱ ରାଜନୀତିର ଦୃଶ୍ୟପଟକୁ ଦେଖିଲେ ୨୦୨୬ରେ ଅନେକ ଦେଶରେ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ହେବାର ସମ୍ଭାବନା ଅଛି, ଯାହା ଅନ୍ତର୍ଜାତୀୟ ଶକ୍ତି ସନ୍ତୁଳନକୁ ପ୍ରଭାବିତ କରିପାରେ । କେବଳ ଆମେରିକା, ଭାରତ, ମିଆଁମାର, ଇଥିଓପିଆ ଭଳି ଦେଶରେ ନିର୍ବାଚନ ହେବ ।

ଏଗୁଡ଼ିକ ଆଉ ଆଭ୍ୟନ୍ତରୀଣ ରାଜନୀତିର ବିଷୟ ନୁହେଁ, ବରଂ ବିଶ୍ୱ କୂଟନୀତି ଓ ଅର୍ଥନୈତିକ ନୀତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଆମେରିକାରେ କ୍ଷମତାର ପରିବର୍ତ୍ତନ କିମ୍ବା ନିରନ୍ତରତା ଚୀନ୍ ସହିତ ଏହାର ସମ୍ପର୍କର ଦିଗ ନିର୍ଣ୍ଣୟ କରିପାରେ । ରୁଷ-ୟୁକ୍ରେନ ବିବାଦ ଓ ପଶ୍ଚିମ ସହିତ ରୁଷର ଉତ୍ତେଜନା ପୂର୍ବରୁ ବିଶ୍ୱକୁ ଦୁଇଟି ମେରୁରେ ବିଭକ୍ତ କରିବାର ଧାରାକୁ ତ୍ୱରାନ୍ୱିତ କରିଛି । ଏହିପରି ୨୦୨୬ ବର୍ଷ ହୋଇପାରେ ଯେତେବେଳେ ବିଶ୍ୱ ରାଜନୀତି ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀରେ ଅଧିକ ସ୍ପଷ୍ଟ ଭାବରେ ବିଭକ୍ତ ହୋଇଯିବ ।

ପୂର୍ବ ଓ ପଶ୍ଚିମ ମଧ୍ୟରେ ବଢ଼ୁଥିବା ଉତ୍ତେଜନା କେବଳ ସାମରିକ କିମ୍ବା ରାଜନୈତିକ ସ୍ତରରେ ସୀମିତ ନୁହେଁ, ବରଂ ଅର୍ଥନୈତିକ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟ ସ୍ପଷ୍ଟ ଚିତ୍ର । ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା, ବାଣିଜ୍ୟ ଯୁଦ୍ଧ, ପ୍ରତିବନ୍ଧକର ରାଜନୀତି ଓ ପ୍ରଯୁକ୍ତିବିଦ୍ୟା ପ୍ରାଧାନ୍ୟ ପାଇଁ ଦୌଡ଼ ଅନ୍ତର୍ଜାତୀୟ ଅର୍ଥନୀତିକୁ ଅସ୍ଥିର କରିଛି । ଚୀନ୍ ଓ ଆମେରିକା ମଧ୍ୟରେ ପ୍ରଯୁକ୍ତିବିଦ୍ୟା ପ୍ରତିଯୋଗିତା, ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଓ ସାଇବର ସୁରକ୍ଷା କ୍ଷେତ୍ରରେ, ଆଗାମୀ ବର୍ଷଗୁଡ଼ିକରେ ତୀବ୍ର ହୋଇପାରେ । ଏହି ପ୍ରତିଯୋଗିତା ଗୋଟିଏ ପଟେ ନବସୃଜନକୁ ପ୍ରୋତ୍ସାହିତ କରିବ, କିନ୍ତୁ ଅନ୍ୟପଟେ ବିଶ୍ୱ ସହଯୋଗକୁ ମଧ୍ୟ ଚ୍ୟାଲେଞ୍ଜ କରିବ । ଆର୍ଥିକ ଦୃଷ୍ଟିରୁ ୨୦୨୬ କୁ ଏକ ମିଶ୍ରିତ ଚିତ୍ର ଭାବରେ ଦେଖାଯାଉଛି । ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥାର ଭୟ ଅଛି, କିନ୍ତୁ ସମ୍ପୂର୍ଣ୍ଣ ନିରାଶାର କୌଣସି ପରିବେଶ ନାହିଁ ।

ବିକଶିତ ଦେଶଗୁଡ଼ିକ ବୟସ୍କ ଜନସଂଖ୍ୟା, ବୃଦ୍ଧି ପାଉଥିବା ସାଧାରଣ ଋଣ ଓ ମୁଦ୍ରାସ୍ଫୀତି ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ, ଯେତେବେଳେ ବିକାଶଶୀଳ ଦେଶଗୁଡ଼ିକ ବିଶ୍ୱ ଅଭିବୃଦ୍ଧିର ଇଞ୍ଜିନ ରହିବେ ବୋଲି ଆଶା କରାଯାଉଛି । ଆମେରିକାର ଅର୍ଥନୀତି ସ୍ଥିର ଭାବରେ ବୃଦ୍ଧି ପାଇବାର ସମ୍ଭାବନା ଅଛି, କିନ୍ତୁ ଧୀର ଗତିରେ, ଯେତେବେଳେ ୟୁରୋପ ଶକ୍ତି ସଙ୍କଟ ଓ ଭୂରାଜନୈତିକ ଉତ୍ତେଜନା ସହିତ ସଂଘର୍ଷ ଜାରି ରଖିପାରେ । ବିପରୀତରେ ଭାରତ ଭଳି ଦେଶଗୁଡ଼ିକ ଘରୋଇ ଚାହିଦା, ସାଂରଚନିକ ସଂସ୍କାର ଓ ପ୍ରଯୁକ୍ତିବିଦ୍ୟା ନିବେଶ ପଛରେ ବିଶ୍ୱ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ ବୋଲି ଆଶା କରାଯାଉଛି ।

୨୦୨୬ ଭାରତ ପରିପ୍ରେକ୍ଷୀରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଷ ହୋଇପାରେ । ଦେଶ ଭିତରେ ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ରାଜନୈତିକ ସମୀକରଣକୁ ଏକ ନୂତନ ଦିଗଦର୍ଶନ ଦେଇପାରେ । ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ, ଓଡ଼ିଶା ଭଳି ରାଜ୍ୟରେ ନିର୍ବାଚନ କେବଳ ସ୍ଥାନୀୟ ରାଜନୀତି ପର୍ଯ୍ୟନ୍ତ ସୀମିତ ରହିବ ନାହିଁ ବରଂ ଜାତୀୟ ରାଜନୀତି ଉପରେ ମଧ୍ୟ ପ୍ରଭାବ ପକାଇବ । ଆଞ୍ଚଳିକ ଦଳଗୁଡ଼ିକର ଭୂମିକା, କେନ୍ଦ୍ର-ରାଜ୍ୟ ସମ୍ପର୍କ ଓ ବିକାଶ ବନାମ ପରିଚୟ ରାଜନୀତି ଭଳି ପ୍ରସଙ୍ଗଗୁଡ଼ିକ ନିର୍ବାଚନୀ ଆଲୋଚନାର ଅଂଶ ହୋଇପାରେ । ଏହି ସମୟ ଭାରତୀୟ ଗଣତନ୍ତ୍ରର ସ୍ପନ୍ଦନ ଓ ଏହାର ଚ୍ୟାଲେଞ୍ଜ ଉଭୟକୁ ଉଜ୍ଜ୍ୱଳ କରିବ । ୨୦୨୬ ଭାରତୀୟ ଅର୍ଥନୀତି ପାଇଁ ଏକ ମୋଡ଼ ହୋଇପାରେ । ଦେଶ ପୂର୍ବରୁ ବିଶ୍ୱରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ।




ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଘରୋଇ ବ୍ୟବହାର, ଭିତ୍ତିଭୂମିରେ ନିବେଶ ଓ ଡିଜିଟାଲ ପରିବର୍ତ୍ତନ ଅଭିବୃଦ୍ଧିକୁ ନୂତନ ଗତି ଦେଇଛି । ତଥାପି, ମୁଦ୍ରାସ୍ଫୀତି, ନିଯୁକ୍ତି ସୃଷ୍ଟି ଓ ଆୟ ଅସମାନତା ଭଳି ଚ୍ୟାଲେଞ୍ଜ ରହିଛି । କୃତ୍ରିମ ବୁଦ୍ଧିମତ୍ତା ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ନିବେଶ ଭାରତ ପାଇଁ ଏକ ବିରାଟ ସୁଯୋଗ । ଯଦି ଏହି ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ଅନ୍ତର୍ଭୁକ୍ତ ଓ ସନ୍ତୁଳିତ ଉପାୟରେ ବ୍ୟବହାର କରାଯାଏ, ତେବେ ଉତ୍ପାଦକତା ବୃଦ୍ଧି ପାଇପାରିବ ଓ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । କିନ୍ତୁ ଯଦି ନୀତି ନିର୍ଦ୍ଧାରଣରେ ଦୂରଦୃଷ୍ଟିର ଅଭାବ ଥାଏ, ତେବେ ପ୍ରଯୁକ୍ତିବିଦ୍ୟା ପ୍ରଗତି ସାମାଜିକ ଅସମାନତା ମଧ୍ୟ ବୃଦ୍ଧି କରିପାରେ ।

୨୦୨୬ ମସିହାରେ ଭାରତର ବୈଦେଶିକ ନୀତି ଅଧିକ ଦୃଢ଼ ଓ ବହୁମୁଖୀ ହେବାର ସମ୍ଭାବନା ରହିଛି । 'ପଡ଼ୋଶୀ ପ୍ରଥମ' ଓ 'ପୂର୍ବ ଦିଗରେ କାର୍ଯ୍ୟ କରନ୍ତୁ' ଭଳି ନୀତି କେବଳ କୂଟନୈତିକ ସ୍ଲୋଗାନ ନୁହେଁ, ବରଂ ବ୍ୟବହାରିକ ରଣନୀତିରେ ପରିଣତ ହେଉଛି । ଭାରତ କ୍ୱାଡ୍ ଭଳି ଫୋରମ୍ ମାଧ୍ୟମରେ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହିତ ରଣନୈତିକ ସହଯୋଗକୁ ଆହୁରି ଗଭୀର କରୁଛି । ସେହି ସମୟରେ, ୟୁରୋପ ସହିତ ପ୍ରତିରକ୍ଷା ଓ ଅର୍ଥନୈତିକ ସହଯୋଗକୁ ଏକ ନୂତନ ଦିଗଦର୍ଶନ ଦିଆଯାଉଛି । ବ୍ରିକସ୍ (BRICS) ଭଳି ଫୋରମ୍‌ରେ ଭାରତର ଭୂମିକା ବିଶ୍ୱ ଦକ୍ଷିଣର ସ୍ୱରକୁ ସ୍ପଷ୍ଟ କରିବାରେ ସହାୟକ ହୋଇପାରେ। ଏହି ସନ୍ତୁଳନ କାର୍ଯ୍ୟ ଭାରତର ବୈଦେଶିକ ନୀତିର ଏକ ପ୍ରମୁଖ ବୈଶିଷ୍ଟ୍ୟ, ଯେଉଁଠାରେ ଏହା କୌଣସି ଗୋଟିଏ ଗୋଷ୍ଠୀ ସହିତ ସମ୍ପୂର୍ଣ୍ଣ ଭାବରେ ମିଳିତ ନ ହୋଇ ଏହାର ଜାତୀୟ ସ୍ୱାର୍ଥକୁ ଅନୁସରଣ କରେ ।

ଅତଏବ ନିଷ୍କର୍ଷରେ କୁହାଯାଇପାର ୨୦୨୬ ସାଧାରଣ ବର୍ଷ ହେବ ନାହିଁ। ଏହା ଏପରି ଏକ ସମୟ ହେବ ଯେଉଁଠାରେ ରାଜନୀତି ଓ ନୀତିଗତ ନିଷ୍ପତ୍ତି ଆଗାମୀ ଦଶନ୍ଧି ପାଇଁ ମାର୍ଗ ନିର୍ଦ୍ଧାରଣ କରିପାରିବ। ଅନିଶ୍ଚିତତା ମଧ୍ୟରେ ପ୍ରତିଯୋଗିତା ତୀବ୍ର ହେବ, କିନ୍ତୁ ଏହା ସହିତ ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ। ଏହି ବର୍ଷ ଭାରତ ପାଇଁ ଏହାର ଆଭ୍ୟନ୍ତରୀଣ ଶକ୍ତି, ଗଣତାନ୍ତ୍ରିକ ପ୍ରତିଷ୍ଠାନ ଓ ରଣନୈତିକ ଦୃଷ୍ଟିକୋଣ ପରୀକ୍ଷା କରିବାର ସୁଯୋଗ ହେବ। ୨୦୨୬ କେବଳ ଚ୍ୟାଲେଞ୍ଜର ବର୍ଷ ନୁହେଁ ବରଂ ସମ୍ଭାବନାର ଦ୍ୱାର ମଧ୍ୟ ହୋଇପାରେ....!!!!

+ଅଧ୍ୟକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦ ୧୫୧୪ ୭୫




## ନୂଆବର୍ଷ ଦୁଇହଜାର ଛବିଶ

ପ୍ର.ଗିରିଜା ଶଂକର ଶର୍ମା



କଡ଼ ଲେଉଟାଇ ଦେଖିଲି
ଦୁଇ ହଜାର ପଚିଶ ଓହ୍ଲେଇ
ଗଲାଣି ଗାଦିରୁ
ଏବେ ଦୁଇ ହଜାର ଛବିଶ ଚାଲିଛି ।
ଦୁଇ ହଜାର ପଚିଶ ଦେଇଥିଲା
ଯୁଦ୍ଧର ଭୟ
ଆତଙ୍କବାଦର ଦୁଃସମୟ
ବର୍ଷା, ବନ୍ୟା ଓ ଉନ୍ମତ୍ତ
ପାଣି ପାଗର ଭୟ
ହିଂସା ଓ ଅପରାଧର ଭୟ।
ଦୁଇ ହଜାର ଛବିଶି- ଆମେ ତୁମକୁ
ସ୍ୱାଗତ କରୁଛୁ ।
ଧୂପ, ଦୀପ, ଘଣ୍ଟା, ଶଂଖ ବଜାଇ ।
ନୂଆ ବର୍ଷ ତୁମେ ଆସ
ଶାନ୍ତି ଓ ସମୃଦ୍ଧିର ମଂତ୍ର ପାଇ।
ଏବର୍ଷ ଏମିତି ହେଉ ଯେ
ନରହୁ ଯୁଦ୍ଧ ତୁମେ ଆସ
ଶାନ୍ତି ଓ ସମୃଦ୍ଧିରଂ ମଂତ୍ର ପାଇ ।
ଏ ବର୍ଷ ଏମିତି ହେଉଯେ
ନରହୁ ଯୁଦ୍ଧର ଭୟ
ଭାଇ ଭାଇ ମଧ୍ୟରେ
ପଡ଼ୋଶୀ ପଡ଼ୋଶୀ ମଧ୍ୟରେ
ଶାନ୍ତି ଓ ସଦ୍‌ଭାବରେ
କଟି ଯାଉ ସମୟ ।
ଖୋଲିଯାଉ ପ୍ରଗତିର ରାସ୍ତା ।
ବିଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହେଉ ।
ନବୀନ ତଥ୍ୟର ଆବିଷ୍କାରରେ
ଜୀବନ କୁସୁମିତ ହେଉ ।
ଏ ନୂଆ ବର୍ଷ ହେଉ
ଆନନ୍ଦର ବର୍ଷ ।
ଶାନ୍ତି ମୈତ୍ରୀ ଓ ପ୍ରଗତିର ବର୍ଷ।

+ଧନକଉଡ଼ା,
ସଂବଲପୁର- ୭୬୮୦୦୬
ମୋ: ୮୯୧୬୪୯୪୦୯୫

## ନୂଆବର୍ଷ

ପ୍ରଦୀପ୍ତ କୁମାର ମହାନ୍ତି



କିଛି ଦୁଃଖ,କିଛି ସୁଖ
କିଛି ହସ, କିଛି ଖୁସି
କିଛି ସଂଗ୍ରାମ କିଛି ସଂଘର୍ଷ
କିଛି ଛଳନା କିଛି ପ୍ରତାରଣା
କିଛି ଲୁହ କିଛି ଲହୁ
କିଛି ସ୍ନେହ କିଛି ପ୍ରେମ
କିଛି ଆଶା କିଛି ଅବଶୋଷ
କିଛି ସ୍ୱପ୍ନ କିଛି ଲକ୍ଷ୍ୟର
ଫେଣ୍ଟା ଫେଣ୍ଟି ସମ୍ମିଶ୍ରଣ ନୂଆବର୍ଷ,

ଅତୀତ ହୋଇଯାଏ ସ୍ମୃତି,
ନୂଆ ନୂଆ ଗୀତରେ ନାଚିଉଠେ ପୃଥିବୀ
ବଦଳି ଯାଏ କ୍ୟାଲେଣ୍ଡର
ସବୁ ପରେ ବି ବାୟୁ, ଜଳ, ଅଗ୍ନି, ମାଟି
ଓ ଆକାଶ ମଧ୍ୟରେ
ଚିକ୍ ଚିକ୍ ମାରେ
ନୂଆବର୍ଷର ନୂଆ ସକାଳ।

+ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ଗୁରୁବାର, ଜାନୁଆରୀ ୦୧, ୨୦୨୬

# ସ୍ୱାଗତଂ ନୂଆବର୍ଷ

ନୂତନ ବରଷର ଅଭିନନ୍ଦନ

## ନୂଆବର୍ଷ ତୁମେ ଆସୁଅଛ ବୋଲି



### ଶରତ ଚନ୍ଦ୍ର ଜାଲି

ନୂଆବର୍ଷ ତୁମେ ଆସୁଅଛ ବୋଲି
ଚଉଦିଗେ ହୋହାଲ୍ଲା
କେଉଁଠେ ହେଉଛି ନାଚ,
ଗୀତ, ଭୋଜି
କେଉଁଠେ ହେଉଛି ପାଲା ।
କେଉଁଠେ ଚାଲିଛି କବିତା ଆସର
ବନ୍ଧୁ ମିଳନର ସଭା
କୁସୁମେ କୁସୁମେ
ସଜେଇ ହେଲାଣି
ଧରଣୀ ରାଣୀ ତା ଗଭା ।
ତୁମ ଆଗମନେ ବନ ଉପବନେ
ଫୁଲେଇ ହେଲାଣି ଫୁଲ
ଜୁଇ,ଜାଇ, ହେନା,
ଟଗର, ଗୋଲାପ
ମାଗୁଛନ୍ତି ନୂଆ ମୂଲ ।
ରଙ୍ଗ ବେରଙ୍ଗର ମୁରୁଜ ବିଛେଇ
ସୂରୁଜ ଦେବତା ଆସି
ସତେଜତା ଭରି କାନେ କହିଲାଣି
ଜାଗଜାଗ ପୁରବାସୀ ।
ବାଟଘାଟ ସାରା ଲେଖା ସରିଲାଣି
ଶୁଭେଚ୍ଛା ସନନ୍ଦ ପତ୍ର
ମଠ ମନ୍ଦିରରେ ଠାକୁର ପୂଜାରେ
ଶୁଭେ ମାଙ୍ଗଳିକ ମନ୍ତ୍ର ।
ଘର ଅଗଣାରେ ଝୋଟି ପଡ଼ିଲାଣି
ଦିଶିଲାଣି ଶୋଭମୟ
ପର ଲାଗିଲେଣି ଆପଣାର ପରି
ତୁଟିଲାଣି ହିଂସା ଭୟ ।
ଦାମୀ ଉପହାର ଦିଆନିଆ ଖାଲି
ମନର ମଣିଷ ପାଇଁ
ଆନନ୍ଦ ଉଲ୍ଲାସ ଲହରୀ ଖେଳୁଛି
ଦୁଃଖଶୋକ କାହିଁ ନାହିଁ ।
ମାଟିରୁ ଆକାଶ ପ୍ରକମ୍ପିତ ହୁଏ
ବାଣ ଫୁଟେ ରାତିସାରା
ଦୁନିଆ ଲାଗୁଛି ରଙ୍ଗୀନ୍ ରଙ୍ଗୀନ୍
ଉଡିବୁଲେ ଆତ୍ମାପାରା ।
ଆଶା ଆଶ୍ୱାସନା
ପୁଞ୍ଜି ବାନ୍ଧିଲେଣି
ସମ୍ଭାବନା ହାତ ଧରି
ତୁମ ପାଦପାତେ
ଶୀତୁଆ ମରତେ
ସୁଖଶିରୀ ଯାଏ ଝରି ।
ଆସଆସ ବନ୍ଧୁ ଆସହେ ତୁମକୁ
ସ୍ୱାଗତ କରୁଛୁ ସର୍ବେ
ଅତୀତ ଅନନ୍ତ କାଳେ ଲୁଚିଲାଣି
ଦେଖି ତୁମ ଶୁଭପର୍ବେ ।
ବରଷ ତମାମ ଉତ୍ସବ ଉନ୍ମାଦ
ଉଦ୍ଦୀପନା ଛାଡ଼ୁ ହୁରି
ନୂଆବର୍ଷ ତୁମେ ଆସୁଅଛ ବୋଲି
ମର୍ତ୍ତ୍ୟ ଲାଗେ ସ୍ୱର୍ଗପୁରୀ ।

+ଶିକ୍ଷକ
ନୋଡାଲ ଉଚ୍ଚ ବିଦ୍ୟାଳୟ,
କୋଦଳା, ଗଂଜାମ
ମୋ-୮୨୪୯୫୩୪୨୭୪



## ବର୍ଷ ପରେ ବର୍ଷ

### ସତ୍ୟରଂଜନ ପ୍ରହରାଜ

ବର୍ଷଟେ ପୁଣି ଏମିତି ଆସେ,
ଲୁହ ଝରେ, ଲହୁ ଝରେ
ଏକାଏକା କୋହ ଆସେ,
ହଜେ
ଅଧରାତିରେ ନିଦ ଭାଂଗେ,
ନିଦ ଆସେ
ଅଜଣା ଲୋକ ମାରେ,
ଆଉଁସେ

ମୁଁ ତଥାପି ଥାଏ
ସେମିତି
ଯେମିତି ମୁଁ ଜାଣିନାହିଁ
ଗାଁ କେଉଁଠି, ଘର କେଉଁଠି
ବୋଉ କେଉଁଠି
ତା କୋଳ କେଉଁଠି

ଘର ଛାଡିବାର ଅନେକ ଦିନ
ହେଲାଣି
ଘର ମୋତେ ଛାଡିବାର
କେତେଦିନ ହେଲାଣି
ମୁଁ ଅନୁଭବେ
ଯେବେ ଆଉ କାହା ଦାଣ୍ଡରେ
ମା'ପୁଅ ଖରା ପୋଇଁବାର
ଦେଖେ ।

ଞଞ
ଲେନ ନଂ୬,
ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର ୭୫୧୦୨୦
(ମୋ)୯୬୫୮୪୧୩୫୩୪

## ୨୦୨୬ର ସଂକଳ୍ପ

### ବିକ୍ରମ କେଶରୀ ବିଶ୍ୱାଳ

ଦୁଃଖସୁଖର ୨୦୨୫ ସରିଲା। ଉକ୍ତ ବର୍ଷକୁ ବିଦାୟ ଦେବା ପାଇଁ ଦେଶ ଓ ରାଜ୍ୟରେ କାହିଁ ନା କେତେ ଉତ୍ସବମୁଖର ହୋଇଉଠିବ ୩୧ର ରାତି। ହୋଟେଲ, ରେଷ୍ଟୋରାଁ, କ୍ଲବ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଗହଣ ଓ ପରିବାର ମଧ୍ୟରେ ଭିନ୍ନ ଭିନ୍ନ ବାଗରେ ବିଦାୟ ମହୋତ୍ସବ ପାଳିତ ହୋଇଥାଏ। ରାତି ପାହିଲା ବେଳକୁ ପୂର୍ବାକାଶ ରକ୍ତିମ ସୂର୍ଯ୍ୟର ଆହ୍ୱାନ। ଏ ସବୁ କିଛି ମାନେରଖେନା ଚାଳଘରେ ଓଳିଏ ଖାଇ ଦିନେ ବଞ୍ଚୁଥିବା ଲୋକମାନଙ୍କ ପାଖରେ। ଦୁଃଖୀ, ରଙ୍କି, ଅଭାବୀଙ୍କ ପାଇଁ ସୂର୍ଯ୍ୟ ସବୁବେଳେ ନିଷ୍ପ୍ରଭ ଓ ନିସ୍ତେଜ। ସେମାନଙ୍କ ପାଇଁ କ'ଣ ମାନେଥାଏ ମତୁଆଲା ମଧ୍ୟ ରାତ୍ରିର ମହକ! ବା ସକାଳର ରଜନୀଗନ୍ଧା, ଗୋଲାପ, ଗେଣ୍ଡୁର ବାସ୍ନା। ମେହନତୀ ମଣିଷ ପାଇଁ ଦିନ, ମାସ, ବର୍ଷର ସ୍ୱତନ୍ତ୍ର ପରିଚୟ କିଛି ମାନେରଖେନା। ମାନେରଖେନା ଈଶ୍ୱର ଅନ୍ୱେଷୀ ନିସଙ୍ଗ ସନ୍ନ୍ୟାସୀର ଶୂନ୍ୟତାବୋଧ ପାଇଁ।

ତଥାପି ମଣିଷ ସ୍ୱପ୍ନ, ଆଶାକୁ ନେଇ ଅନେକ ସଂକଳ୍ପ ବାଛି ନେଇଥାଏ ୩୧ ରାତ୍ରି ଓ ୧ ସକାଳ ପାଇଁ। ଭାଙ୍ଗି ପଡୁଥିବା ପ୍ରେମର ପୁନଃ ମିଳନ ପାଇଁ ସଂକଳ୍ପ, ନିଶାଶକ୍ତ ନ ହେବା ପାଇଁ ସଂକଳ୍ପ, ଦୁର୍ନୀତିଗ୍ରସ୍ତ ନ ହେବା ପାଇଁ ସଂକଳ୍ପ, ଚୋରି ଲୁଟତରାଜ ନ ଭିଆଇବାର ସଂକଳ୍ପ, ହିଂସା, କ୍ରୋଧ, ଲୋଭ, ମୋହ ଆଦିରୁ ମୁକ୍ତି ହେବାର ସଂକଳ୍ପ ଇତ୍ୟାଦି ନାନା ପ୍ରକାର ନିଷ୍ପତ୍ତି ମଣିଷ ନେଇଥାଏ। ଯଦିଓ ତାହା କେତେ ଘଣ୍ଟା ପରେ ଭାଙ୍ଗି ଯାଇଥାଏ ତଥାପି କେଇ ମୁହୂର୍ତ୍ତର ସଂକଳ୍ପ ମାନବ ଚେତନାକୁ ଉର୍ଦ୍ଧ୍ୱଗାମୀ କରିଥାଏ। ଭଗବାନ କହିଛନ୍ତି ଯେ ଯଦି ମଣିଷ ମତେ ଅନାସକ୍ତ ଭାବେ ଗୋଟିଏ ମୁହୂର୍ତ୍ତ ସ୍ମରଣ କରିପାରିଲା ତେବେ ମୁଁ ତାକୁ ଜୀବନଯାକର ପାପରୁ ମୁକ୍ତି ଦେବି। ସେହିପରି ଆମେ ଆମର ସଚେତନ ମନରେ ଚଳିତ ବର୍ଷ ପାଇଁ କିଛି ସଂକଳ୍ପ ନେବାର ଆବଶ୍ୟକତା ରହିଛି। ଦେଶ ଆମର ତେଣୁ ଦେଶ ପାଇଁ ଆମେ ପ୍ରଥମେ ଉତ୍ସର୍ଗୀକୃତ ମନଭାବ ନେଇ କିଛି ସେବାକରିବା। ଦେଶ ଓ ଯୁବଗୋଷ୍ଠୀ ନିଜର ଅନ୍ତର୍ନିହିତ ଶକ୍ତିକୁ ଏକାଠି କରି ଦେଶ ଗଠନରେ ହାତ ବଢ଼ାଇବା। ମା' ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ନିସଙ୍କୋଚରେ ସ୍ୱାର୍ଥ ତ୍ୟାଗ କରିବା। ଦେଶ ଓ ଜାତିର କ୍ଷତି ହେଲା ଭଳି କୌଣସି ଚିନ୍ତା ବା କାର୍ଯ୍ୟ କରିବା ନାହିଁ। ଧନୀ, ନିର୍ଧନ ନିର୍ବିଶେଷରେ ସମାଜସେବା ପ୍ରତି ବ୍ରତୀହେବା। କାରଣ ମାନବ ସେବା, ମାଧବ ସେବା। ପ୍ରକୃତିର ସୌନ୍ଦର୍ଯ୍ୟକୁ କୌଣସି ପ୍ରକାରେ ନଷ୍ଟ କରିବା ନାହିଁ। ଗ୍ରାମାଞ୍ଚଳରେ ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ସଂପ୍ରୀତି ଓ ସଂହତି ବଜାୟ ରଖିବା। ଗୋଟିଏ ଜାତିର ଏକତା ତାର ପରମ୍ପରା ଉପରେ ପର୍ଯ୍ୟବେକ୍ଷିତ। ତେଣୁ ଅପସୃୟମାଣ ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ଯେଉଁ ବାତାବରଣ ଆମର ଚିନ୍ତନ ଓ ଚୈତନ୍ୟକୁ ପ୍ରତ୍ୟେକ୍ଷରେ ବା ପରୋକ୍ଷରେ ପ୍ରଦୂଷିତ କରୁଛି ତାହା ଠାରୁ ଦୂରେଇ ରହିବା। ନୈତିକତା ମଣିଷର ସବୁଠାରୁ ବଡ଼ ଅନର୍ନ୍ତିହିତ ଶକ୍ତି। ତାକୁ ସବୁବେଳେ ଯେପରି ସୁରକ୍ଷିତ ରଖିବା ସେଥିପ୍ରତି ଯତ୍ନବାନ ହେବା। ଭାରତ ସବୁବେଳେ ନୈତିକତା ଓ ଆଧାତ୍ମିକତାକୁ ଗୁରୁତ୍ୱ ଦେଇଆସିଛି। ଯେଉଁ ବ୍ୟକ୍ତି ନିଜର ନୈତିକତା ଓ ଆଧାତ୍ମିକତା ହରାଏ ସେ ଆପଣାଛାଏଁ ଦୁର୍ବଳ ହୋଇପଡ଼େ।

ଆମେ ଆଶା କରୁଛୁ ଚଳିତ ବର୍ଷ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକ ସମାଜୋଚିତ ଆଚରଣ ପ୍ରଦର୍ଶନ କରନ୍ତୁ। ନିଜକୁ ପ୍ରକୃତ ସମାଜସେବୀ ଭାବେ ପ୍ରତିପାଦିତ କରି ବ୍ୟକ୍ତି ସମ୍ମାନ ଲାଭ କରନ୍ତୁ। ତଦନୁରୂପ ଯୁବ ସମାଜ କୌଣସି ଅସାମାଜିକ କାର୍ଯ୍ୟ ଓ ହିଂସ୍ର କାମ ନକରନ୍ତୁ। ନୂଆବର୍ଷ ପରେ ପରେ ଆରମ୍ଭ ହୋଇଯାଏ ବିଦ୍ୟାର୍ଥୀ ମାନଙ୍କର ପରୀକ୍ଷାର ଋତୁ। ବିଦ୍ୟାର୍ଥୀମାନେ କାୟ ମନୋକାର୍ଯ୍ୟରେ ଅଧ୍ୟୟନ ପ୍ରତି ଦୃଷ୍ଟି ଦେଇ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତୁ। ଜଣେ ମଣିଷ ଜଟିଳ ଓ ଅଭଦ୍ର ହେବା ସହଜ କିନ୍ତୁ ସରଳ ଓ ଭଦ୍ର ହେବା କଠିନ କାର୍ଯ୍ୟ। ତେଣୁ ସମସ୍ତେ ଭଦ୍ର ହେବା ପାଇଁ ଓ ସରଳ ହେବା ପାଇଁ ଉଦ୍ୟମ ଜାରି ରଖନ୍ତୁ। ପ୍ରତ୍ୟେକ ମଣିଷ ପାଇଁ ପୁନଶ୍ଚ ଭଲ ହେବାର ଓ ଭଦ୍ର ହେବାର ବାଟଟିଏ ଅପେକ୍ଷା କରିଥାଏ। ହତୋତ୍ସାହିତ ନ ହୋଇ ସେଇ ବାଟର ଅନୁସନ୍ଧାନରେ ଗତି କରିବା ବାଞ୍ଛନୀୟ। ମନେରଖନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ କେହି ନା କେହି ଜଣେ ଆପଣଙ୍କ



କାର୍ଯ୍ୟକଳାପକୁ ଫଟୋ ଉଠାଉଛି ଯାହା ଦିନେ ଇତିହାସର ଅଂଶ ହୋଇପାରେ। ସେଥିପାଇଁ ମହାପୁରୁଷମାନେ ଇତିହାସକୁ ଡରନ୍ତି। କାରଣ ଇତିହାସର ଆଖିରେ ପତା ନଥାଏ। ସମାଜ ଯେହେତୁ ବ୍ୟକ୍ତିବିଶେଷଙ୍କ ସଂଗୋଷ୍ଠୀ ତେଣୁ ବ୍ୟକ୍ତି ପବିତ୍ରତାରେ ସମାଜର ପବିତ୍ରତା ପ୍ରତିଷ୍ଠିତ ହୋଇଥାଏ। ୨୦୨୬ରେ ଆସନ୍ତୁ ଆମେ ସମସ୍ତେ ସକରାତ୍ମକ ଚିନ୍ତାଧାରା ନେଇ ଓଡ଼ିଶା ଗଢ଼ିବା। ମାତୃଭାଷାକୁ ସମ୍ମାନଦେବା। ସଂକଳ୍ପ କରିବା ନୂଆ ବର୍ଷ ଅବସରରେ କେବଳ ନିଜ ଜୀବନ ନୁହେଁ ବା ନିଜ ପରିବାର ନୁହେଁ ଏହା ସହିତ ଏ ରାଜ୍ୟ, ଏ ଦେଶ, ଏ ଜାତି ପାଇଁ ଆମ ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିବା। ଜଗତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଆତ୍ମମାନଙ୍କର ଦାୟିତ୍ୱକୁ ନିଷ୍ଠାପର ଭାବେ, ନିଃସ୍ୱାର୍ଥପର ଭାବେ ନିର୍ବାହ କରି ଅନ୍ତତଃ ଜଣେ ଭଲ ମଣିଷ ହେବାର ସଂକଳ୍ପବଦ୍ଧ ଜୀବନ ପାଇଁ ଆଜିର ଦିନଟିକୁ ସ୍ମରଣୀୟ କରିବା।

ଯାଜପୁର ରୋଡ଼, ଯାଜପୁର,
ମୋ : ୯୯୩୮୫୩୬୦୭୬

## ନୂଆବର୍ଷ

### ପୁଷ୍ପାଞ୍ଜଳି ପଣ୍ଡା



ବରଷ ଶେଷେ ନୂଆବରଷ
ହସି ହସାଇ ଆସେ
ଘନ କୁହୁଡି ଚାଦର ତଳେ
ଶୀତୁଆ ପୃଥ୍ୱୀ ହସେ।

ନୂଆ ବରଷ ମନ ହରଷ
ସବୁରି ହିତ ପାଇଁ
ଶୁଭ ଭାବନା ଶୁଭ କାମନା
ସଭିଙ୍କୁ ଦେଉଥାଇ।

ନୂଆ ବରଷ ଦିନଟି ସବୁ
କଥା ଯେ ନୂଆ ଲାଗେ
ସବୁ ଆରମ୍ଭ ଶୁଭରେ ହେଉ
ସୁଖ ଭାବନା ଜାଗେ।

ନୂଆ ଉତ୍ସାହ ନୂଆ ସପନ
ମନରେ ଉଁଏ ଆଗେ
ଯୋଜନା ଗଢେ ସଂକଳ୍ପ କରେ
ସବୁ ଅଲଗା ଲାଗେ।

ଆକାଶ ଛୁଇଁ ନୂଆ ସୁରୁଜ
ନୂଆ ପରଶ ଦେଇ
ପଛକୁ ଭୁଲି ଆଗକୁ ଯିବା
ନୂଆ କାମକୁ ନେଇ।

ନୂଆ ଯେ ପରେ ପୁରୁଣା ହୁଏ
ଜଣାଇଦିଏ କାଳ
ସନ୍ଧ୍ୟା ନଇଁ ଘେରି ଆସଇ
ଅନ୍ଧାର ରାତି ବେଳ।

ସମୟ ସହ ଚାଲିଛି ସବୁ
ନୂଆ ଯେ ହୁଏ ପୁରୁଣା
ନୂଆ ବରଷ ସ୍ୱାଗତ କରୁ
ସୁଖଦ ହେଉ ପ୍ରାର୍ଥନା ।

+କେନ୍ଦ୍ରାପଡ଼ା



## ନୂତନ ବର୍ଷର ଆଧ୍ୟାତ୍ମିକ ବାର୍ତ୍ତା

### ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ ।ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ ।ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ
ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟଙ୍କୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱ ବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ ।ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା
କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ। ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ ।ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି ।ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ ।ସେ ହୃଦୟ ବିଦାରକ ନିରର୍ଯ୍ୟାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି ।କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି ।

ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ ।ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ ।ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ ।ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି। ମଦ୍ୟପାନଠାରୁ ଆରମ୍ଭ କରି ପାନ,ଗୁଟକା, ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ'

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି। ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି ।ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି। ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ,ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ। ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର। ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି ।କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି। ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା।

+ଗୋପାଳପୁର,ବାଲେଶ୍ୱର
ମୋ: ୭୦୨୦୬୧୧୩୦୦

## ପହିଲି ଦିନରେ ପୁରୁଣା କଥା

### ପ୍ରଶାନ୍ତ କୁମାର ନାୟକ



ଏତିକି କହୁଛି ବିଦାୟ ନେଉଛି
କହୁନାହିଁ ଆଉ କିଛି,
ନବ ବର୍ଷର ହାର୍ଦ୍ଦିକ ଶୁଭେଚ୍ଛା
ଏବେଠାରୁ ଜଣାଉଛି ।

ନୂତନ ବର୍ଷର ନୂଆ ସକାଳରେ
ଘେନ ମୋ ଅଭିନନ୍ଦନ,
କଳା ସାଆନ୍ତକୁ ଏତିକି ପ୍ରାର୍ଥନା
ସୁଖେ କଟିଯାଉ ଦିନ ।

ପୁରୁଣା କଥାକୁ ପହିଲି ଦିନରେ
ହେଜିବନି ଜମା ବେଶି ,
ନୂତନ ବର୍ଷର ସୂରୁଜ କିରଣ
ଆଣିଦେବ କେତେ ଖୁସି ।

ବିତିଯାଇଥିବା ସମୟ ଅତୀତ
କେବେ ଆଉ ନଫେରିବ,
ନୂଆବର୍ଷ ପରା ଆସିଛି ଜୀବନେ
ଯାହା ଖୁସି ଭରିଦେବ ।

ଗଲା ବରଷକୁ ବରଷେ ପୂରିଲା
ଦେଖୁ ଦେଖୁ ଗଲା ସରି
ଆସିବା ଫେରିବା ଏଇତ ଜୀବନ
କାହାକୁ ବସନା ଝୁରି ।

ୟୁନିଟ୍ -୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

## ନୂଆ ବର୍ଷରେ ନୂଆ ଆଶା




### ରମେଶ ଚନ୍ଦ୍ର ନାୟକ


ବର୍ଷକ ଛଅ ଋତୁ , ବାର ମାସ ବା ତିନି ଶହ ପଞ୍ଚଷଠି ଦିନ। ଦିନ ପରେ ଦିନ , ଏହିପରି ୩୬୫ ଦିନ ବିତିଗଲା ପରେ ଏକ ବର୍ଷ ପୂରଣ ହୁଏ ଓ ଆଉ ଏକ ବର୍ଷ ଜନ୍ମ ନିଏ ଯାହାକୁ ଆମେ ନୂତନ ବର୍ଷ କହିଥାଉ। ଏହି ନୂଆ ବର୍ଷ ଆସିଲେ ପ୍ରାୟ ସବୁ ଦେଶରେ ଆନନ୍ଦ ଉଲ୍ଲାସ ଖେଳି ଯାଏ। ଛୋଟରୁ ବଡ ଯାଏଁ ସମସ୍ତଙ୍କ ମନରେ ଏକ ନୂଆ ଆଶା ତଥା ସମ୍ଭାବନା ଜାଗ୍ରତ ହୋଇଥାଏ। ପ୍ରାୟ ସମସ୍ତେ ସେମାନଙ୍କର ସାଙ୍ଗ , ସାଥୀ ତଥା ଆତ୍ମୀୟ ମାନଙ୍କୁ ବିଭିନ୍ନ ଉପାୟରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥାନ୍ତି। ଅଶୀ ନବେ ଦଶକରେ ନୂତନ ବର୍ଷର ଏହି ଶୁଭେଚ୍ଛା ବାର୍ତ୍ତା ଗ୍ରିଟିଙ୍ଗ୍ କାର୍ଡ ଜରିଆରେ ଦିଆଯାଉଥିଲା। ବଜାରରୁ କିଣିଲାଣି ଏଥିରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିବା ସହ ଡଗ ଡମାଳି ଲେଖି ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏବେ କିନ୍ତୁ ଏହାର ପ୍ରୟୋଗ ନାହିଁ କହିଲେ କିଛି ଭୁଲ ହେବନି। ଆଧୁନିକତାର ସ୍ପର୍ଶରେ ଏବେ ମୋବାଇଲ ଫୋନ ସବୁ କିଛି ବଦଳି ଯାଇଛି। ଦେଶ ଭିତରେ ତଥା ଦେଶ ବାହାରେ ଥିବା ଆତ୍ମୀୟ ମାନଙ୍କ ସହ ନିମିଷକ ମଧ୍ୟରେ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ପ୍ରେରଣ କରିପାରୁଛୁ। ନୂତନ ବର୍ଷ ଆସିବା ପୂର୍ବରୁ ଛାତ୍ରଛାତ୍ରୀ , ଯୁବକ ଯୁବତୀ ତଥା ପରବାରବର୍ଗ ବଣଭୋଜି ପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଭ୍ରମଣରେ ଯାଆନ୍ତି। ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଲୋକଙ୍କର ଭିଡ଼ ଜମେ। ପ୍ରାକୃତିକ ପରିବେଶ ମଧ୍ୟରେ ନୂତନ ବର୍ଷକୁ ସ୍ୱାଗତ କରିବା ସହ ନୃତ୍ୟ ଗୀତରେ ବିଭୋର ହୋଇ ଉଠନ୍ତି ବିଶେଷକରି ଛାତ୍ରଛାତ୍ରୀ ଓ ଯୁବସମାଜ । ଅନେକ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନର ପ୍ରସ୍ତୁତି ତଥା ମଦ ମାଂସର ଆସର ଆଜିର ସମୟରେ ବଣଭୋଜିର ଏକ ନଗ୍ନ ଚିତ୍ର ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବଣଭୋଜି ଶେଷରେ ଘର ବାହୁଡ଼ିବା ପାଇଁ ପ୍ରାୟ ସମସ୍ତେ ବ୍ୟସ୍ତ। ହେଲେ ପରିବେଶ ପ୍ରତି କାହାର ନଜର ନଥାଏ। ବଣଭୋଜି ସ୍ଥଳକୁ ଅଳିଆ ଆବର୍ଜନା କରି ପରିବେଶକୁ ଦୂଷିତ କରିବା ଏହି ନୂଆ ବର୍ଷ ସମୟରେ ପ୍ରାୟ ଦେଖିବାକୁ ମିଳେ।

ଏଥିପ୍ରତି ସମସ୍ତେ ଦୃଷ୍ଟି ଦେଲେ ଭଲ ହୁଅନ୍ତା ନିଶ୍ଚୟ।

ସାଧାରଣତଃ ଏହି ନୂଆ ବର୍ଷ ଆସିଲେ ପ୍ରକୃତିର କିଛି ପରିବର୍ତ୍ତନ ଘଟି ନଥାଏ। ସୂର୍ଯ୍ୟ, ଚନ୍ଦ୍ର ତଥା ଗ୍ରହ ନକ୍ଷତ୍ରାଦି ଯେଉଁ ସ୍ଥାନରେ ଥାନ୍ତି ଓ ଚଳ ପ୍ରଚଳ କରୁଥାନ୍ତି , ସେମାନେ ନୂତନ ବର୍ଷରେ ମଧ୍ୟ ସେହିପରି ଚଳପ୍ରଚଳ କରନ୍ତି। ପୁରୁଣା ବର୍ଷ ଯେତିକି ଦିନ ନୂଆ ବର୍ଷ ମଧ୍ୟ ସେତିକି ଦିନ। କେବଳ ପାର୍ଥକ୍ୟ ଲୋକଙ୍କର ମାନସିକତାର। ଇଂରାଜୀ ନୂତନ ବର୍ଷକୁ ମହା ଆଡ଼ମ୍ବରରେ ପାଳନ କରିବାର ପରମ୍ପରା ବହୁ ପୁରୁଣା। ଆମେ ଏହି ଇଂରାଜୀ ନୂତନ ବର୍ଷକୁ ଯେଉଁ ଆନନ୍ଦ ଓ ଉଲ୍ଲାସରେ ପାଳନ କରୁ , ଓଡ଼ିଆ ନବବର୍ଷକୁ କିନ୍ତୁ ଏଭଳି ଭାବରେ ପାଳନ କରିନଥାଉ ଯାହାକି ଆମ ଓଡ଼ିଆ ଜାତି ପ୍ରତି ଦୁଃଖ ତଥା ପରିତାପର ବିଷୟ। ବିଭିନ୍ନ ଦେଶ ଓ ରାଜ୍ୟରେ ନୂଆ ବର୍ଷ ଭିନ୍ନ ଭିନ୍ନ ସମୟରେ ପାଳନ ହେଉଥିବା ବେଳେ ଇଂରାଜୀ ନବବର୍ଷ କିନ୍ତୁ ଜାନୁୟାରୀ ଏକ ତାରିଖରେ ସମଗ୍ର ବିଶ୍ୱରେ ପାଳନ କରାଯାଏ।

ନୂଆ ବର୍ଷ ଅବସରରେ ଆମେ ସମସ୍ତେ ଆଶା କରିଥାଉ କି ଏହି ବର୍ଷର ପ୍ରତିଟି ଦିନ ଭଲ ଓ ସୁଖରେ ଅତିବାହିତ ହେଉ। ନୂଆ ବର୍ଷରେ ନୂଆ ଆଶା ଓ ଉତ୍ତମ ଗୁଣ ସହିତ କର୍ମକ୍ଷେତ୍ରରେ ଉନ୍ନତି ପାଇଁ ଅଗ୍ରସର ହେବା ଉଚିତ ବୋଲି ମନେ କରିଥାଉ। ପୂର୍ବ ବର୍ଷରେ ଆମେ କ'ଣ କ'ଣ କରିଛେ, କିପରି ଆମ ବର୍ଷ ଯାକର ଦିନ ଅତିବାହିତ ହୋଇଛି, ସେ ସମସ୍ତ କଥାକୁ ଭୁଲି ଆମେ ନବ ବର୍ଷର ଶୁଭାରମ୍ଭ କରିବା ଉଚିତ ବୋଲି ଭାବିଥାଉ। ନୂଆ ବର୍ଷ ଆମକୁ ନୂଆ କଥା ଶିଖାଇ ଥାଏ। ଆମକୁ ଶିଖାଇ ଥାଏ କି ଆମେ ପୂର୍ବ ବର୍ଷରେ କରିଥିବା ଭୁଲକୁ ଯେପରି ନୂଆବର୍ଷରେ ପୁନରାବୃତ୍ତି କରିବା ଉଚିତ ନୁହେଁ। ନିଜର ଦିନକୁ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ଏହି ଦିନରେ ସଭିଏଁ ଚେଷ୍ଟା କରିଥାଆନ୍ତି। ସଭିଁଙ୍କ ମନରେ କିଛି ନା କିଛି ନୂଆ ଆରମ୍ଭ କରିବାର ଇଚ୍ଛା ରହିଥାଏ। ନୂଆବର୍ଷ ସଭିଁଙ୍କୁ ଏକ ନୂଆ ମାର୍ଗ ଦେଖାଇ ଥାଏ। ଜୀବନରେ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥାଏ। ଯେପରି ଆମେ ପୁରୁଣା ବର୍ଷ ଶେଷ ହେଲେ ଦୁଃଖ କରିନଥାଉ ବରଂ ନବବର୍ଷର ସ୍ୱାଗତ ଖୁବ ଆନନ୍ଦ ଓ ଉଲ୍ଲାସ ସହ କରିଥାଉ। ସେହିପରି ଆମେ ଜୀବନରେ ବିତି ଯାଇଥିବା ଖରାପ ସମୟକୁ ମଧ୍ୟ ମନେ ପକାଇବା ଉଚିତ ନୁହେଁ। ଭବିଷ୍ୟତକୁ ଚକ୍ଷୁ ସମ୍ମୁଖରେ ରଖି ଜୀବନରେ ନୂତନ ଆଶା ସଞ୍ଚାର କରିବା ଉଚିତ।

ନୂଆବର୍ଷ ପାଳନ କରିବାକୁ ବହୁ ସ୍ଥାନରେ ନୃତ୍ୟ, ସଙ୍ଗୀତ, ଖେଳ କୁଦର ଆୟୋଜନ କରାଯିବା ସହ ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ସଭିଏଁ ଏହାର ମଜା ଉଠାଇଥାଆନ୍ତି ଓ ସମସ୍ତଙ୍କ ମଧ୍ୟରେ ଏକ ନୂଆ ଭାବନା ଜାଗ୍ରତ ହୋଇଥାଏ।

ନୂଆ ବର୍ଷର ଦିନ ଗୁଡ଼ିକ ଟିକିଏ ପୁରୁଣା ହେବା ପରେ ଅର୍ଥାତ୍ ପ୍ରାୟ ମାସେ ଗୋଟାଏ ଅତିକ୍ରାନ୍ତ ହୋଇଗଲେ ନୂଆ ବର୍ଷକୁ ଭୁଲି ଯାଆନ୍ତି। ମଣିଷ ନିଜକୁ ପ୍ରକୃତି କୋଳରେ ହଜେଇ ଦେଇଥାଏ। ଋତୁଚକ୍ରର ପ୍ରବାହରେ ପ୍ରକୃତିର ଚିତ୍ର ବଦଳି ଯାଏ। କେତେବେଳେ ବାତ୍ୟା ହୁଏ ତ କେତେବେଳେ ବନ୍ୟାର ତାଣ୍ଡବଲୀଳା ଜନସମାଜକୁ ଥରହର କରିଦିଏ। ନୂଆ ବର୍ଷରେ ଯେଉଁ ଆଶା ପୋଷଣ କରିଥାଉ, ମହା ଧୂଳିସାତ୍ ହୋଇଯାଏ। ନୂଆ ବର୍ଷରେ ପଠାଇଥିବା ଶୁଭେଚ୍ଛା ଓ ଶୁଭକାମନା ବାର୍ତ୍ତାକୁ ଆମେ ସେତେବେଳେ ପୁରାପୁରି ଭୁଲିଯାଉ। ନୂଆ ବର୍ଷ କଥା ଟିକିଏ ବି ମନେ ପଡେନି ସେତେବେଳେ। ଧିରେ ଧିରେ ନୂଆ ବର୍ଷ ପୁରୁଣା ହୁଏ ଓ ଆମେ ପୁଣି ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହୁ ନୂଆ ଆଶା ଓ ସମ୍ଭାବନାକୁ ପାଥେୟକରି। ସେ ଯାହା ହେଉନା କାହିଁକି , ଏହି ଚିରାଚରିତ ପଦ୍ଧତିରେ ଆମେ ସମସ୍ତେ ବନ୍ଧା। ଏହି ପରିପ୍ରେକ୍ଷୀରେ ଚଳିତ ନୂତନ ବର୍ଷ - ୨୦୨୬ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ ଓ ଅତୀତକୁ ଭୁଲି ନୂଆ ଆଶା ପୋଷଣ କରି ଆଗକୁ ବଢି ଦେଶ ଜାତିକୁ ଆଗେଇ ନିଅନ୍ତୁ।


କେଶରପୁର, ବକ୍ସି ବଜାର, କଟକ

ମୋ :- ୭୯୭୮୧୫୧୭୧୦





## ଆସ ତୁମେ ନୂଆବର୍ଷ


### ବେଣୁଧର ସୂତାର


ସୁନା ସୋରିଷର ହିରଣ୍ମୟଆଭା
ହିମ ଶିଶିରର ପଣତ ତଳେ
ଗେଣ୍ଡୁ ଗୋଲାପର
ନୈସର୍ଗିକ ଶୋଭା
ଭାବ ତନ୍ମୟର ମୂର୍ଚ୍ଛନା ତୋଳେ

ସ୍ୱର୍ଣ୍ଣ ଘନକ୍ଷେତ ଗାଉଛି ସଙ୍ଗୀତ
କେଦାରେ ଖେଳଇ ଲହରିମାଳା
ପଉଷ ଖଳାର
ବୈଭବ ସମ୍ଭାରେ
ଏମାଟି ସାଜଇ ଐଶ୍ୱର୍ଯ୍ୟ ଶାଳା

ରଜନୀଗନ୍ଧାର ସ୍ୱପ୍ନିଳ ସୁରଭି
କୁସୁମେ କସୁମେ ରଙ୍ଗ ବର୍ଣ୍ଣାଳୀ
ତୁମ ଆଗମନେ ଧରା ମଧୁମୟ
କଳକଣ୍ଠେ ଚାରୁ ମୂର୍ଚ୍ଛନା ତୋଳି

ନୂଆବର୍ଷ ଭବ୍ୟ ଅଭିନନ୍ଦନିକା
ସ୍ୱାଗତିକା ଗାଏ ଜାଳି ଦୀପାଳି
ଚମ୍ପା ଚାମେଲିର
ନବ ଯୂଥୀକାରେ
ବସୁମତୀ ବାଢେ ଅର୍ଘ୍ୟ ଅଞ୍ଜଳି

ଅଖଣ୍ଡ ଭାବର
ସମ୍ଭାବନା ନେଇ
ନୂଆବର୍ଷ ତୁମେ ଆସହେ ଆସ
ଅପୂର୍ବ ଆବେଗେ
ତୁମ ଆଗମନୀ
ଗାଇ ଉଠିଲାଣି ନିଖିଳ ବିଶ୍ୱ

ସୁଖ ସୌଭାଗ୍ୟର ଅମିୟନିର୍ଝର
ମମତା ପୀୟୂଷ ଦିଅ ପରଶି
ଭାବ ବିଶ୍ୱାସର ଚମକ ଦୃପ୍ତିରେ
ଅଖିଳ ପରାଣ ଉଠିବ ହସି

ତୁଟିଯାଉ ବିଶ୍ୱ ଜନ ମାନସରୁ
ଆତଙ୍କବାଦର ମରଣ ଭୟ
ଅମାପପ୍ରେମର ସମ୍ଭାବନା ସୁରେ
ବିଶ୍ୱ ହେଉ ଚିର ସୁନ୍ଦର ମୟ

ଆସଆସ ତୁମେ ନବୀନ ବରଷ
ଶାନ୍ତି ସଂପ୍ରୀତିର ବାରତା ନେଇ
ମାନବ ପ୍ରେମର
ମୈତ୍ରୀ ମାଳାରେ
ଅନ୍ତରଙ୍ଗତାର ସୁଧାଝରାଇ ।


କେଶଦୁରାପାଳ କେନ୍ଦୁଝର

ମୋ: ୯୧୭୮୫୬୮୨୪୬


## ୨୦୨୬ରେ ଭାରତର ଭବିଷ୍ୟତ : ଅଭିବୃଦ୍ଧି, ଆହ୍ୱାନ ଏବଂ ବିଶ୍ୱ ଆକାଂକ୍ଷା




### ସୌଭାଗ୍ୟ ରଂଜନ ମହାନ୍ତି


୨୦୨୬ ମସିହାରେ ଭାରତର ଭବିଷ୍ୟତ, ଅଭିବୃଦ୍ଧି, ଚ୍ୟାଲେଞ୍ଜ ଏବଂ ବିଶ୍ୱ ଆକାଂକ୍ଷା ଭାରତ ଏହାର ଇତିହାସର ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଠିଆ ହୋଇଛି। ବିଶ୍ୱର ସବୁଠାରୁ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଏବଂ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ, ୨୦୨୬ ଆଡକୁ ଭାରତର ଯାତ୍ରା ବିଶାଳ ପ୍ରତିଶ୍ରୁତି ଏବଂ ଜଟିଳ ଚ୍ୟାଲେଞ୍ଜ ଉଭୟକୁ ପ୍ରତିଫଳିତ କରେ। ୨୦୨୬ ପର୍ଯ୍ୟନ୍ତ ବର୍ଷଗୁଡିକ ଦେଶର ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରେ - ଅର୍ଥନୈତିକ, ରାଜନୈତିକ, ସାମାଜିକ ଏବଂ ପ୍ରଯୁକ୍ତିଗତ ଦୃଷ୍ଟିରୁ। ଏକ ଯୁବ ଜନସଂଖ୍ୟା, ବିସ୍ତାରିତ ଡିଜିଟାଲ ଭିତିଭୂମି, ବର୍ଦ୍ଧିତ ବିଶ୍ୱ ପ୍ରଭାବ ଏବଂ ମହତ୍ତ୍ୱାକାଂକ୍ଷୀ ଜାତୀୟ କାର୍ଯ୍ୟକ୍ରମ ସହିତ, ଭାରତ ଏକ ଭବିଷ୍ୟତ ଗଠନ କରୁଛି ଯାହା ଅନ୍ତର୍ଭୁକ୍ତ ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସନ୍ତୁଳିତ କରିବା ଲକ୍ଷ୍ୟ ରଖିଛି। ୨୦୨୬ ସୁଦ୍ଧା, ଭାରତକୁ କେବଳ ଏହାର ଅର୍ଥନୈତିକ ଆକାର ଦ୍ୱାରା ନୁହେଁ ବରଂ ଏହା ଏହାର ନାଗରିକମାନଙ୍କୁ ପ୍ରଦାନ କରୁଥିବା ଜୀବନର ଗୁଣବତା, ଏହାର ପ୍ରତିଷ୍ଠାନର ଶକ୍ତି ଏବଂ ବିଶ୍ୱ ସମସ୍ୟା ସମାଧାନରେ ଏହାର ଭୂମିକା ଦ୍ୱାରା ମଧ୍ୟ ବିଚାର କରାଯିବ। ଏହି ପ୍ରବନ୍ଧରେ ଅର୍ଥନୀତି, ଶାସନ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପରିବେଶ, ସାମାଜିକ ପରିବର୍ତ୍ତନ ଏବଂ ବିଶ୍ୱ ସ୍ତରରେ ଭାରତର ସ୍ଥିତି ଭଳି ପ୍ରମୁଖ ଦିଗଗୁଡିକ ପରୀକ୍ଷା କରି ୨୦୨୬ ମସିହାରେ ଭାରତର ଭବିଷ୍ୟତ ଅନୁସନ୍ଧାନ କରାଯାଇଛି। ଆର୍ଥିକ ଭବିଷ୍ୟତ : ପରିବର୍ତ୍ତନ ସହିତ ଅଭିବୃଦ୍ଧି ଆର୍ଥିକ ବିସ୍ତାର ଏବଂ ଜିଡିପି ଅଭିବୃଦ୍ଧି ଭାରତର ଅର୍ଥନୀତି ନିରନ୍ତର ଭାବରେ ସ୍ଥିରତା ପ୍ରଦର୍ଶନ କରିଛି। ୨୦୨୬ ସୁଦ୍ଧା, କ୍ରୟ ଶକ୍ତି ଏବଂ ସାମଗ୍ରିକ ଅଭିବୃଦ୍ଧି ହାର ଦୃଷ୍ଟିରୁ ଭାରତ ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି ମଧ୍ୟରେ ରହିବ ବୋଲି ଆଶା କରାଯାଉଛି। ମେକ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଏବଂ ଭିତିଭୂମି-ନେତୃତ୍ୱଗତ ବିକାଶ ଭଳି ସରକାରୀ ପଦକ୍ଷେପ ନିରନ୍ତର ଅର୍ଥନୀତି ପ୍ରସାର ପାଇଁ ମୂଳଦୁଆ ପକାଇଛି। ଉତ୍ପାଦନ, ସେବା ଏବଂ କୃଷି - ଭାରତର ତିନୋଟି ଅର୍ଥନୈତିକ ସ୍ତମ୍ଭ-ସାଂରଚନିକ ପରିବର୍ତ୍ତନର ସମ୍ମୁଖୀନ ହେଉଛି। ଶିଳ୍ପ କରିଡର, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ, ପ୍ରତିରକ୍ଷା ଉତ୍ପାଦନ ଏବଂ ସେମିକଣ୍ଡକ୍ଟର ପଦକ୍ଷେପ ମାଧ୍ୟମରେ ଉତ୍ପାଦନ ନୂତନ ଧ୍ୟାନ ପାଉଛି। ସେବା କ୍ଷେତ୍ର, ବିଶେଷ କରି ଓଝ, ଫିନଟେକ୍, ସ୍ୱାସ୍ଥ୍ୟସେବା ଏବଂ ପର୍ଯ୍ୟଟନ, ନିଯୁକ୍ତି ଏବଂ ରପ୍ତାନୀକୁ ଆଗକୁ ବଢାଇ ଚାଲିଛି। ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗିତା ଭାରତ ବିଶ୍ୱର ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି। ୨୦୨୬ ସୁଦ୍ଧା, ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ଆଂଚଳିକ ବିକାଶରେ ଷ୍ଟାର୍ଟଅପ୍ ଆହୁରି ବଡ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଡିଜିଟାଲ୍ ପେମେଂଟ, ସରକାରୀ ସମର୍ଥିକ ପାଣ୍ଠି ଏବଂ ଇନକ୍ୟୁବେଟରଗୁଡିକର ସହଜ ପ୍ରବେଶ ସହିତ, ଉଦ୍ୟୋଗ ପ୍ରମୁଖ ସହରଗୁଡିକ ବାହାରେ ଟାଇର୍-୨ ଏବଂ ଟାଇର୍-୩ ଅଂଚଳରେ ବିସ୍ତାର ହେଉଛି। ନିଯୁକ୍ତି ଏବଂ ଦକ୍ଷତା ବିକାଶ ନିଯୁକ୍ତି ସୃଷ୍ଟି ଭାରତର ସବୁଠାରୁ ବଡ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ। ଭବିଷ୍ୟତର ଅର୍ଥନୀତି କୃତ୍ରିମ ବୁଦ୍ଧିମତା, ତଥ୍ୟ ବିଜ୍ଞାନ, ନବୀକରଣୀୟ ଶକ୍ତି, ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ଦକ୍ଷତା ଦାବି କରେ। ସରକାରଙ୍କ ନେତୃତ୍ୱାଧୀନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଘରୋଇ କ୍ଷେତ୍ରର ସହଯୋଗ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବୋଝ ବଦଳରେ ଆର୍ଥିକ ଲାଭରେ ପରିଣତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ରାଜନୀତି ଏବଂ ଶାସନ : ସ୍ଥିରତା ଏବଂ ସଂସ୍କାର ଗଣତାନ୍ତ୍ରୀକ ଶକ୍ତି ଭାରତର ଗଣତନ୍ତ୍ର ଏହାର ସର୍ବବୃହତ ଶକ୍ତି ମଧ୍ୟରୁ ଗୋଟିଏ ଅଟେ। ୨୦୨୬ ସୁଦ୍ଧା, ଶାସନ କ୍ରମଶଃ ସ୍ୱଚ୍ଛତା, ଡିଜିଟାଲ ସିଷ୍ଟମ ଏବଂ ନାଗରିକ ଅଂଶଗ୍ରହଣ ଉପରେ ନିର୍ଭର କରିବ। ଇ-ଗଭର୍ଣ୍ଣାନ୍ସ ପ୍ଲାଟଫର୍ମ, ଡିଜିଟାଲ ଚିହ୍ନଟକରଣ ଏବଂ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ପୂର୍ବରୁ ଦୁର୍ନୀତି ହ୍ରାସ କରିଛି ଏବଂ ଦକ୍ଷତାରେ ଉନ୍ନତି ଆଣିଛି। ନୀତି ନିରନ୍ତରତା ଏବଂ ସାଂଗଠନିକ ସଂସ୍କାର ଦୀର୍ଘକାଳୀନ ପ୍ରଗତି ପାଇଁ, ନୀତି ନିରନ୍ତରତା ଅତ୍ୟାବଶ୍ୟକ। କର, ଶ୍ରମ ଆଇନ ଏବଂ ସରକାରୀ କ୍ଷେତ୍ର ଦକ୍ଷତାରେ ସାଂଗଠନିକ ସଂସ୍କାର ଏକ ଅଧିକ ପ୍ରତିଯୋଗିତାମୂଳକ ଅର୍ଥନୀତି ଗଠନ କରୁଛି। ନ୍ୟାୟିକ ସଂସ୍କାର, ପୋଲିସ ଆଧୁନିକୀକରଣ ଏବଂ ପ୍ରଶାସନିକ ଦକ୍ଷତା ନିରନ୍ତର ଧ୍ୟାନ ଦେବା ଆବଶ୍ୟକ କରୁଥିବା କ୍ଷେତ୍ର ରହିଛି। ସଂଘୀୟତା ଏବଂ ରାଜ୍ୟ ବିକାଶ ଭାରତର ସଂଘୀୟ ଗଠନ ରାଜ୍ୟଗୁଡିକୁ ଅଭିବୃଦ୍ଧିର ଇଞ୍ଜିନ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଏ। ପ୍ରତିଯୋଗିତାମୂଳକ ସଂଘୀୟତା ଯେଉଁଠାରେ ରାଜ୍ୟଗୁଡିକ ନିବେଶ ଆକର୍ଷିତ କରିବା ଏବଂ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରତିଯୋଗିତା କରନ୍ତି - ଭାରତର ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୨୬ ସୁଦ୍ଧା, ସଫଳ ରାଜ୍ୟଗୁଡିକ ଅନ୍ୟମାନଙ୍କ ପାଇଁ ବିକାଶ ମଡେଲ ଭାବରେ କାର୍ଯ୍ୟ କରିପାରନ୍ତି। ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଇଣ୍ଡିଆ ଡିଜିଟାଲ ପରିବର୍ତ୍ତନ ଭାରତର ଡିଜିଟାଲ ବିପ୍ଳବ ଏହାର ଭବିଷ୍ୟତ ଗଠନ କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟରୁ ଗୋଟିଏ। ବ୍ୟାପକ ଇଂଟରନେଟ୍ ପ୍ରବେଶ, ସୁଲଭ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ ପେମେଂଟ ସିଷ୍ଟମ ସହିତ, ଭାରତ ଏକ ଦୃଢ ଡିଜିଟାଲ ସାର୍ବଜନୀନ ଭିତିଭୂମି ସୃଷ୍ଟି କରିଛି। ୨୦୨୬ ସୁଦ୍ଧା, ଡିଜିଟାଲ ପ୍ଲାଟଫର୍ମଗୁଡିକ ଶାସନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ବାଣିଜ୍ୟରେ ଗଭୀର ଭାବରେ ସଂଲଗ୍ନ ହେବ। କୃତ୍ରିମ ବୁଦ୍ଧିମତା, ମେସିନ୍ ଲର୍ଣ୍ଣିଂ, ବ୍ଲକଚେନ୍ ଏବଂ ରୋବୋଟିକ୍ସ ଗ୍ରହଣ କରୁଛି। ଏହି ପ୍ରଯୁକ୍ତିବିଦ୍ୟାଗୁଡିକ କୃଷି, ଉତ୍ପାଦନ, ସ୍ୱାସ୍ଥ୍ୟସେବା ନିଦାନ ଏବଂ ସହରାଚଂଳ ଯୋଜନାରେ ଉତ୍ପାଦକତାକୁ ଉନ୍ନତ କରୁଛି। ମହାକାଶ ଏବଂ ବିଜ୍ଞାନ ଭାରତର ମହାକାଶ କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିବା ଜାରି ରଖିଛି। ୨୦୨୬ ସୁଦ୍ଧା, ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା, ମହାକାଶ ଅନୁସନ୍ଧାନ ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣରେ ଉନ୍ନତି ଏକ ଅଗ୍ରଣି ମହାକାଶ-ପଥ ରାଷ୍ଟ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ କରିବ। ଶିକ୍ଷା ଏବଂ ଯୁବପିଢି: ପରବର୍ତୀ ପିଢିକୁ ଗଠନ କରିବା ଶିକ୍ଷା ସଂସ୍କାର ଶିକ୍ଷା ଭାରତର ଦୀର୍ଘକାଳୀନ ସଫଳତା ନିର୍ଣ୍ଣୟ କରିବ। ଧାରଣାଗତ ଶିକ୍ଷା, ଡିଜିଟାଲ ଉପକରଣ ଏବଂ ବୃତିଗତ ତାଲିମ ଉପରେ ଗୁରୁତ୍ୱାରୋପ କରାଯାଉଥିବା ସଂସ୍କାରଗୁଡିକ ଭବିଷ୍ୟତ କ୍ୟାରିଅର ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟ ରଖିଛି। ଅନଲାଇନ ଶିକ୍ଷା ପ୍ଲାଟଫର୍ମ ଏବଂ ମିଶ୍ରିତ ଶିକ୍ଷା ମଡେଲଗୁଡିକ ଗୁଣାତ୍ମକ ଶିକ୍ଷାକୁ ଅଧିକ ସୁଲଭ ଉଚ୍ଚଶିକ୍ଷା ଏବଂ ଗବେଷଣା ୨୦୨୬ ସୁଦ୍ଧା ଭାରତର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନଗୁଡିକ ବିଶ୍ୱ ରାଙ୍କିଂରେ ଉନ୍ନତି ଆଣିବାର ଆଶା କରାଯାଇଛି। ଗବେଷଣା, ନବସୃଜନ କେନ୍ଦ୍ର ଏବଂ ଆନ୍ତର୍ଜାତୀୟ ସହଯୋଗରେ ବୃଦ୍ଧି ପାଉଥିବା ନିବେଶ ଶୈକ୍ଷିକ ଗୁଣବତା ଏବଂ ନବସୃଜନ ଉତ୍ପାଦନକୁ ବୃଦ୍ଧି କରିବ। ଯୁବ ଶକ୍ତି ଭାରତର ଯୁବ ଜନସଂଖ୍ୟା ଏହାର ସର୍ବଶ୍ରେଷ୍ଠ ସମ୍ପତି। ୨୦୨୬ ସୁଦ୍ଧା, ଯୁବ ଭାରତୀୟ ଉଦ୍ୟୋଗିତା, ରାଜନୀତି, ବିଜ୍ଞାନ ଏବଂ ସାମାଜିକ ପରିବର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି ପିଢିକୁ ସଶକ୍ତ କରିବା ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା, ନିଯୁକ୍ତି ସୁଯୋଗ ଏବଂ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା, ନିଯୁକ୍ତି ସୁଯୋଗ ଏବଂ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ବିକାଶ ସ୍ୱାସ୍ଥ୍ୟସେବା ଭିତିଭୂମି ମହାମାରୀ ଏକ ଦୃଢ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଗୁରୁତ୍ୱକୁ ଆଲୋକପାତ କରିଥିଲା। ୨୦୨୬ ସୁଦ୍ଧା, ହସ୍ପିଟାଲ, ଡିଜିଟାଲ୍ ସ୍ୱାସ୍ଥ୍ୟ ରେକର୍ଡ, ଟେଲିମେଡିସିନ୍ ଏବଂ ଚିକିତ୍ସା ଗବେଷଣାରେ ନିବେଶ ପ୍ରବେଶ ଏବଂ ସୁଲଭତାକୁ ଉନ୍ନତ କରିବ ବୋଲି ଆଶା କରାଯାଇଛି। ସମାଜ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିକରଣ ଭାରତର ଭବିଷ୍ୟତ ଅନ୍ତର୍ଭୁକ୍ତିକରଣ ବିକାଶ ଉପରେ ନିର୍ଭର କରେ। ଦାରିଦ୍ର୍ୟ ହ୍ରାସ, ମହିଳା ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟା ପାଇଁ ଲକ୍ଷ୍ୟ ରଖାଯାଇଥିବା କାର୍ଯ୍ୟକ୍ରମଗୁଡିକ ଧୀରେ ଧୀରେ ଜୀବନଧାରଣ ମାନକୁ ଉନ୍ନତ କରୁଛି। ୨୦୨୬ ସୁଦ୍ଧା, ପୁଷ୍ଟିସାର ପରିମଳ, ଏବଂ ଗୃହ ଉପରେ ଅଧିକ ଧ୍ୟାନ ମାନବ ବିକାଶ ସୂଚକକୁ ମଜବୁତ କରିବ। ପରିବେଶ ଏବଂ ସ୍ଥିରତା ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ପରିବର୍ତ୍ତନ ଭାରତ ପ୍ରଦୂଷଣ, ଜଳ ଅଭାବ ଏବଂ ଜଳବାୟୁ, ପରିବର୍ତ୍ତନ ସମେତ ଗମ୍ଭୀର ପରିବେଶଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ୨୦୨୬ ସୁଦ୍ଧା, ନବୀକରଣୀୟ ଶକ୍ତି- ବିଶେଷ କରି ସୌର ଏବଂ ପବନ-ଭର୍ତି ଶକ୍ତି ମିଶ୍ରଣରେ ଏକ ବୃହତ ଭୂମିକା ଗ୍ରହଣ କରିବ। ବୈଦ୍ୟୁତିକ ଗତିଶୀଳତା ଏବଂ ସ୍ଥାୟୀ ସହରାଚଂଳ ଯୋଜନା ଜାତୀୟ ପ୍ରାଥମିକତା ହେବାରେ ଲାଗିଛି। ଅଭିବୃଦ୍ଧି ଏବଂ ପରିବେଶ ବିଜ୍ଞାନକୁ ସନ୍ତୁଳିତ କରିବା ଭାରତର ଭବିଷ୍ୟତ ପାଇଁ ସ୍ଥାୟୀ ବିକାଶ ଅତ୍ୟାବଶ୍ୟକ। ଜଙ୍ଗଲ, ନଦୀ ଏବଂ ଜୈବ ବିବିଧତାର ସଂରକ୍ଷଣ ଶିଳ୍ପ ଅଭିବୃଦ୍ଧି ସହିତ ସମନ୍ୱୟରେ ଯିବା ଉଚିତ। ଜନସଚେତନତା ଏବଂ ନୀତି ପ୍ରବର୍ତ୍ତନ ଏହି କ୍ଷେତ୍ରରେ ସଫଳତା ନିର୍ଣ୍ଣୟ କରିବ। ସହରୀକରଣ ଏବଂ ଭିତିଭୂମି ସ୍ମାର୍ଟ ସିଟି ଏବଂ ସହରାଚଂଳ ଅଭିବୃଦ୍ଧି ଦ୍ରୁତ ସହରୀରକରଣ ଭାରତକୁ ପୁନଃଆକୃତି ଦେଉଛି। ସ୍ମାର୍ଟ ସିଟି ପଦକ୍ଷେପ ପରବହନ, ଗୃହ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ ସେବାଗୁଡିକୁ ଉନ୍ନତ କରିବା ଲକ୍ଷ୍ୟ ରଖିଛି। ୨୦୨୬ ସୁଦ୍ଧା, ଅଧିକ ଭିଡ ଏବଂ ଅସମାନତାକୁ ରୋକିବା ପାଇଁ ଉନ୍ନତ ସହରାଚଂଳ ଯୋଜନା ଅତ୍ୟାବଶ୍ୟକ ହେବ। ଗ୍ରାମାଚଂଳ ବିକାଶ ଏହାସହିତ, ଗ୍ରାମାଚଂଳ ବିକାଶ ଗୁରୁତ୍ୱପୂର୍ଣ୍ଣ ରହିଛି। ଉନ୍ନତ ସଂଯୋଗୀକରଣ, ଡିଜିଟାଲ ସେବା ଏବଂ କୃଷି ସଂସ୍କାର ଗ୍ରାମାଚଂଳ ସହରାଚଂଳ ବିଭାଜନକୁ ସେତୁ କରିବାରେ ସାହାଯ୍ୟ କରୁଛି। (କ୍ରମଶଃ)


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩


## ନୂଆବର୍ଷ


### ଦୀପିକା ହୋତା




ନୂଆ ଦିନର ପହିଲି ସୁରୁଜ
ମନରେ ଭରିଦିଏ ହସ
ଜୀବନ ଜନ୍ତୁ ପଶୁପକ୍ଷୀ
ମଣିଷ ମନେ ଦେଉ ହରସ ।।
ରାଗ ଅଭିମାନକୁ ଭୁଲି
କରିବା ସଭିଙ୍କୁ ଆପଣାର
ଦୁଃଖ ପରେ ସୁଖ ଆସେ
ଏଇ ନିୟମ ନିୟତିର ।।
ନୂଆ ବରସ ଆସିଛି ଖୁସିରେ
ନାଚିବା ଆସ ହୋ ମକର
ସରବ ମଙ୍ଗଳ ପାଇଁ ଡାକିବା
ପ୍ରଭୁ କାଳିଆ ଠାକୁର ।।
ପୌଷ ମାସ କାକର ବିନ୍ଦୁରେ
ପ୍ରକୃତି ଢାଳୁଛି ହସ
ବୁଲି ଯିବା ପତୋରା ଡିଖାଳି
ସୁନାବେଡା ଗୋଧସ ।।
ଦିନ ପରେ ଦିନ ମାସ ବି ଗଲା
ବରଷେ ଗଲା ସରି
ନୂଆ ବରଷ ଆସିଛି ବେଗେ
ସ୍ନେହର ଆଦର ଭରି ।।
ବିଦାୟ ଦେବା ହେ ଆସ
ପଚିଶି ବରସକୁ ସଭିଏଁ ମିଶି
ଖୁସିର ପସରା ଆଣିଛି ସାଉଁଟି
ନୂଆ ବରସ ଛବିଶି ।।


+ନୂଆପଡ଼ା


## ଶୁଭବାରେ ଆସେ ନୂଆବରଷ !


### ଅଜିତ କୁମାର ରାଉତ


ଗୁରୁବାର କାଲି ନୂଆ ବରଷ
ଲକ୍ଷ୍ମୀ ବାର ଠାରୁ ଆସେ ଛବିଶ !
ଶୁଭ ମୁହୂର୍ତ୍ତ ଅଶେଷ
ଆନନ୍ଦ ଉଲ୍ଲାସ,
ଅନୁପମ ଦୃଶ୍ୟ,
ଲକ୍ଷ୍ମୀ ଠାକୁରାଣୀ କରୁଣା କରିବେ,
ଲକ୍ଷ୍ମୀ ପୂର୍ଣ୍ଣ ହେବ ଦେଶ !
କରିବା ରାମଙ୍କ ନାମ କୀର୍ତ୍ତନ
ମର୍ଯ୍ୟାଦା ପୁରୁଷ କରି ପୂଜନ !
ନୂଆ ବର୍ଷ ଶୁଭ ଦିନ,
କାଳିଆ ପୂଜନ,
ଭକ୍ତିର ସୁମନ
ବାଜିବ ମୃଦଙ୍ଗ ଭାରତ ଭୁବନ
ଶଙ୍ଖ ନାଦ ଘନଘନ !
ସବୁ କ୍ଷେତ୍ରେ ଆମେ ଆଗୁଆ ହେବା
ଗୌରବ କୀରତି ଦେଶେ ଆଣିବା !
ଆତ୍ମ ନିର୍ଭର ଟି ହେବା
ସତ୍ୟ ପଥେ ଥିବା
କୁକର୍ମ ଛାଡ଼ିବା
ସମଭାବ ନୀତି ରଖି ଅନ୍ତର୍ଗତେ
ସୁନ୍ଦର ଦେଶ ଗଢିବା !
ଯୁବକ ଯୁବତୀ ରାଷ୍ଟ୍ର ଭବିଷ୍ୟ
ଦାଇତ୍ୱ ରହିବ ତାଙ୍କ ଅଶେଷ !
ଲକ୍ଷ୍ମୀଙ୍କ ଥିବ ଆଶିଷ
ଭରିବେ ସୁଭାଷ
ହୋଇଣ ହରଷ
ସମ୍ମାନ ବଢ଼ିବ ବିଶ୍ୱ ଦରବାରରେ
ଆସୁଛି ବର୍ଷ ଛବିଶ !


+ସଭାପତି ଉତ୍କଳ ସମ୍ମିଳନୀ, କଳାବାଡିଆ,
ରାଜନଗର, ଷଢ଼େଇକଳା-ଖରସୁଆଁ, ଝାଡ଼ଖଣ୍ଡ
ମୋ: ୬୨୦୫୩୪୩୫୬୯

# ପାରାଦୀପ ମହୋତ୍ସବ ଉଦ୍‌ଯାପିତ



ପାରାଦୀପ, ୩୧/୧୨ (ନି.ପ୍ର): ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ଜୟଦେବ ସଦନ ପରିସରରେ ଗତ ୨୫ ତାରିଖରୁ ଆରମ୍ଭ ହୋଇ ସାତ ଦିନ ଧରି ଚାଲିଥିବା ପାରାଦ୍ୱୀପ ମହୋତ୍ସବ ବୁଧବାର ସଂନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଂନ୍ଧ୍ୟାରେ ପାରାଦୀପ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପାରାଦ୍ୱୀପ ନଗରପାଳ ବସନ୍ତ ବିଶ୍ୱାଳ, ତିର୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ରାଜ କିଶୋର ବେହେରା, ବାଲିକୁଦା-ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ । ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ପ୍ରତ୍ୟେକ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡିଶାର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଶିତ ହୋଇଥିବା ବେଳେ ଉଦଯାପନୀ ସଂନ୍ଧ୍ୟାରେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଯୋଗ ଦେଇଥିଲେ । ଦର୍ଶକମାନେ ବିଷ୍ଣୁମୋହନ କବିଙ୍କ ସଙ୍ଗୀତର ତାଳେତାଳେ ମତୁଆଲା ହୋଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଅଟଳ ମେମୋରିଆଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି, ପାରିଷଦ ତଥା ପାରାଦୀପ ବିଜେପି ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ । ଏହା ପୂର୍ବରୁ ଅତିଥିମାନଙ୍କୁ ବଡପଡିଆ ଥାନା ଛକରୁ ଏକ ବିରାଟ ପଟୁଆରରେ କାର୍ଯ୍ୟକର୍ତା ମାନେ ଜୟଦେବ ସଦନ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ପାରାଦୀପ ମହୋତ୍ସବର ଆବାହକ ଭବେନ୍ଦ୍ର ଦାଶ, ମାନ୍ୟବର ବିଧାୟକ ତଥା ଶିକ୍ଷମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ଜିଲ୍ଲା ସମ୍ପାଦକ ବଜରଙ୍ଗ ପ୍ରସାଦ ସ୍ୱାଇଁ, ମହିଳା ମୋର୍ଚ୍ଚା ନେତ୍ରୀ ପ୍ରିତିରେଖା ମାନ୍ନା, ଜିତେନ୍ଦ୍ର ସାହୁ, ସୁଲେମାନ ରାଜୁ, ଅର୍ଜଲ ଶିବା, ସର୍ବେଶ୍ୱର ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳତାର ସହିତ ପରିଚାଳନା କରିଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କୀତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା, ୩୧/୧୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧକ୍ଷତା ରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବୈଠକରେ ଉପସ୍ଥିତଥିବା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଜାତୀୟ ସଡ଼କ ସୁରକ୍ଷା ମାସ ୧ ଜାନୁଆରୀ ୨୦୨୬ ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ପାଳନ ହେବ ବୋଲି ଅବଗତ କରିବା ସହ ଏହି ମାସ ପାଳନର ଆଭିମୁଖ୍ୟ ଓ ଏହାର ସବିଶେଷ କାର୍ଯ୍ୟ ଧାରା ଉପସ୍ଥାପନ କରିଥିଲେ । ଆଜିର ଅନୁଷ୍ଠିତ ବୈଠକ ରେ ମୁଖ୍ୟତଃ ଆକସ୍ମିକ ସଡ଼କ ଦୁର୍ଘଟଣା ଜନିତ ଶୁନ୍ୟ ମୃତ୍ୟୁ ଲକ୍ଷ୍ୟକୁ ପୂରଣ ଦିଗରେ ଗୁରୁତ୍ୱାରୋପ ଦିଆଯାଇଛି । ଏହାକୁ ସୁନିଶ୍ଚିତ କରିବା ପାଇଁ ରାସ୍ତାରେ ଯାନବାହାନ ଚଳାଇବା ସମୟରେ ଟ୍ରାଫିକ ନିୟମକୁ କଡାକଡି ପାଳନ ନିମନ୍ତେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ପ୍ରାଥମିକତା ଦିଆଯିବା ନେଇ ଆଲୋଚନା ହୋଇଥିଲା । ବିଶେଷ କରି ଗାଡି ଚଳାଇବା ସମୟରେ ଟ୍ରାଫିକ ସିଗନାଲ ଏବଂ ନିୟମ କୁ କଡାକଡ଼ି ମାନି ସୁରକ୍ଷିତ ଢଙ୍ଗରେ ଗାଡି ଚାଳନା କରି ନିଜ ଜୀବନ କୁ ସୁରକ୍ଷିତ ରଖିବା ସହିତ ନିଜ ପରିବାର କୁ ସୁରକ୍ଷା ଓ ଅନ୍ୟମାନଙ୍କ ଜୀବନ କୁ ସୁରକ୍ଷିତ ରଖିବା ନେଇ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯିବ । ଏଗୁଡିକ ମଧ୍ୟରେ ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡି ଚାଳନା ନକରିବା, ପିତାମାତା ମାନେ ସେମାନଙ୍କର କିଶୋର କିଶୋରୀ ବୟସର ପିଲାମାନଙ୍କୁ ଗାଡି ଚାଳନାରୁ ନିବୃତ୍ତ କରାଇବା, ଦୁଇ ଚକିଆ ଯାନ ଚାଳନା ସମୟରେ ଚାଳନାକାରି ସହିତ ଗାଡି ପଛରେ ବସିଥିବା ଲୋକ ଉଭୟ ହେଲମେଟ ପିନ୍ଧିବା ତଥା ଦୁଇ ଚକିଆ ଯାନ ରେ ତିନି ଜଣ ବସି ଗାଡି ଚାଳନା ନକରିବା, ଚାରିଚକିଆ ଯାନ ରେ ଗାଡି ଚାଳନା ସମୟ ରେ ଡ୍ରାଇଭର ସମେତ ସମ୍ମୁଖ ରେ ବସିଥିବା ଲୋକ ସିଟବେଲ୍ଟ ବ୍ୟବହାର କରିବା, ମଦ୍ୟ ପାନ କରି ନିଶାଶକ୍ତ ହୋଇ ଗାଡି ନଚଳେଇବା, ଅତ୍ୟଧିକ ଦ୍ରୁତଗତି ରେ ଯାନ ନଚଳେଇବା, ଦ୍ରୁତ ଗତିରେ ଅଭରଟେକ ନକରିବା, ଗାଡି ଚଳାଉଥିବା ସମୟରେ ମୋବାଇଲ ଫୋନ ବ୍ୟବହାର ନକରିବା, ଗାଡି ଚାଳନା ସମୟ ରେ ଜେବ୍ରା କ୍ରସିଂ ବ୍ୟତୀତ ରାସ୍ତା ର ଅନ୍ୟ ସ୍ଥାନ ରେ ରାସ୍ତା ପାର ନହେବା, ଗାଡିରେ ପରିବହନ ପାଇଁ ଧାର୍ଯ୍ୟ ହୋଇଥିବା ଯାତ୍ରୀ ଙ୍କ ସଂଖ୍ୟା ଠାରୁ ଅଧିକ ଯାତ୍ରୀ ନେବା ଆଣିବା ନକରିବା, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ନିକଟରେ ଗାଡି ଚାଳନା କରି ଅତିକ୍ରମ କରିବା ସମୟ ରେ ସମସ୍ତ ପ୍ରକାର ସତର୍କତାସୂଚକ ନିୟମକୁ ଅନୁପାଳନ କରିବା ସହିତ ଡ୍ରାଇଭିଂ ଲାଇସେନ୍ସ ତଥା ଗାଡିର କାଗଜ ପତ୍ର ଯଥା ଆର. ସି. ବୁକ, ପ୍ରଦୂଷଣ ସାର୍ଟିଫିକେଟ, ଇନ୍ସୁରାନ୍ସ ଇତ୍ୟାଦି ଉଚିତ ସମୟରେ ନବୀକରଣ କରି ଅଧୁନାତନ କରେଇବା, ଗାଡିର ବ୍ରେକ, ଇଣ୍ଡିକେଟର ହର୍ଣ୍ଣ ଇତ୍ୟାଦି ଉପଯୁକ୍ତ କାର୍ଯ୍ୟକ୍ଷମ ସ୍ଥିତିରେ ରଖିବା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ବିପଦ ମୁକ୍ତ ଜୀବନ ବଂଚିବା ପାଇଁ ପରାମର୍ଶ ଦିଆଯିବା ସହିତ ଉକ୍ତ ନିୟମ ର ଉଲଘଂନ ରେ ଏହାର ଆଇନ ଗତ କାର୍ଯ୍ୟାନୁଷ୍ଠାନ ତଥା ଆର୍ଥିକ ଜୋରିମାନା ପ୍ରବଧାନ ସମ୍ବନ୍ଧ ରେ ମଧ ଲୋକମାନଙ୍କୁ ଅବଗତ କରାଯିବା ନେଇ ମତପୋଷଣ କରାଯାଇ ଥିଲା । ଏଥି ସହିତ ଶୁନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲା ଆରକ୍ଷୀ, ଜିଲ୍ଲା ଅବକାରୀ ଓ ବାରିପଦା ଆଞ୍ଚଳିକ ପରିବହନର ମିଳିତ ଉଦ୍ୟମରେ ପ୍ରବର୍ତ୍ତନକୁ ବ୍ୟାପକରୁ ବ୍ୟାପକତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହେଲମେଟ ବ୍ୟବହାରକୁ ନେଇ କେତେ ସଚେତନ ଅଛନ୍ତି ଏହାକୁ ତଦାରଖ କରିବା ପାଇଁ ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ କ୍ଷେତ୍ରରେ ଆଜି ଅପରାହ୍ନରେ ଏହାକୁ ଚେକ କରିବା ପାଇଁ ଜିଲ୍ଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିଭିନ୍ନ ଛକ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ସ୍ଥାନୀୟ ବଜାର, ସାପ୍ତାହିକ ହାଟ ଓ ଅନ୍ୟାନ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଦ୍ରୁତ ଗତିରେ ଗାଡି ଚାଳନାକୁ ରୋକିବା ପାଇଁ ଏହାର ନିକଟବର୍ତ୍ତୀ ହେବା ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱରେ ସତର୍କତାସୂଚକ ନୂତନ ସାଇନବୋର୍ଡ଼ ଦୃଶ୍ୟମାନ ସ୍ଥାନରେ ଲଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଲୋକ ମାନଙ୍କୁ ସଡ଼କ ଦୁର୍ଘଟଣାର କାରଣଗୁଡିକ ଉପରେ ଅଧିକ ସମ୍ବେଦନଶୀଳ କରିବାପାଇଁ ୟୁ ଟ୍ୟୁବ ଓ ଇନଷ୍ଟାଗ୍ରାମ ଜରିଆରେ ଘଟିଥିବା ବିଭିନ୍ନ ସଡ଼କ ଦୁର୍ଘଟଣାର ଭିଡ଼ିଓ ପୋଷ୍ଟ କରିବା ପାଇଁ ଆର ଟି ଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଚେତନତା କାର୍ଯ୍ୟକ୍ରମରେ ଏନ ଜି ଓ ମାନଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳା ଉଦ୍‌ଯାପିତ

## ବାଣିଜ୍ୟ ମେଳାର ୨୦୨୫ ସଂସ୍କରଣ ସଫଳ ହୋଇଛି- ମନ୍ତ୍ରୀ ସୂର୍ଯ୍ୟବଂଶୀ



ଭଦ୍ରକ, ୩୧/୧୨ (ନି.ପ୍ର): ଭଦ୍ରକ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ୨୦୨୫ ସଂସ୍କରଣ ସଫଳ ହୋଇଛି । ଭଦ୍ରକ ଅଂଚଳର ବ୍ୟବସାୟୀମାନଙ୍କ ପାଇଁ ଏହି ମେଳା ଏକ ବଡ ସୁଯୋଗ । ରାଜ୍ୟ ସରକାରଙ୍କ ଏମଏସଏମ୍‌ଇ ପକ୍ଷରୁ ଏହା ଏକ ବଡ ପଦକ୍ଷେପ । ଫର୍ଣ୍ଣଚର ଠାରୁ ଆରମ୍ଭ କରି ହସ୍ତଶିଳ୍ପ ପର୍ଯ୍ୟନ୍ତ ଓ ଅନ୍ୟ ଫୁଡ୍ ଓ କୃଷିଜାତ ସାମଗ୍ରୀ ଏଠାରେ ଉପଲବ୍ଧ ହୋଇଛି । ବିଶେଷକରି ଭଦ୍ରକ ଜିଲା ଜନସାଧାରଣ ଶୀତ କାକରକୁ ଭ୍ରୁକ୍ଷେପ ନକରି ଏହି ମେଳାକୁ ଆସି ଯେଭଳି ଭାବେ ଖରିଦ ବିକ୍ରି କରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ଭଦ୍ରକ ଅଂଚଳର ସ୍ୱଦେଶୀ ପ୍ରଥାକୁ ପ୍ରୋତ୍ସାହନ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି ବାଣିଜ୍ୟ ମେଳାର ସମସ୍ତ ଆୟୋଜକଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି ମୁଖ୍ୟ ଅତିଥି ତଥା ଉଚ୍ଚଶିକ୍ଷା, ଯୁବ ବ୍ୟାପାର, କ୍ରୀଡା, ଓଡିଆ ଭାଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶୀତୁଆ ସନ୍ଧ୍ୟାର ଏହି ଉଦ୍‌ଯାପନୀ ଉତ୍ସବରେ ଓସମେର ଉପସଭାପତି ରାଜେଶ ମିଶ୍ର ମଂଚ ଆମନ୍ତ୍ରଣ କରିଥିବାବେଳେ ଓସ୍‌ମେର ସଭାପତି ସୁରଜ କୁମାର ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବାପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀ ଚୈତନ୍ୟ ଆଶ୍ରମର ସଂପାଦକ ତ୍ରିଦାନ୍ଦୀ ସ୍ୱାମୀ ଭକ୍ତି ବଲ୍ଲଭାଚାର୍ଯ୍ୟ ମହାରାଜ,କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ସହ ନିର୍ଦ୍ଦେଶକ ଶିବାନନ୍ଦ ନାୟକ, ରାଜ୍ୟ ଓସମେର ସଂପାଦକ ସାତ୍ୱିକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ମେଳା ଆଗାମୀ ଦିନରେ ନିଶ୍ଚିତ ଭାବେ ସମଗ୍ର ରାଜ୍ୟରେ ଏକ ଦିଗବାରିଣି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବିଏମ୍‌ର ସଭାପତି ସୁଶାନ୍ତ କୁମାର ନାୟକ, ବିବିଏମ୍‌ର ସଂପାଦକ ମନୋଜ କୁମାର ରାୟ, ବିବିଏମ୍‌ର ପୃଷ୍ଠପୋଷକ ଶଶିଶେଖର ବେହେରା ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାକୁ ଆସିଥିବା ରାଜ୍ୟ ଓ ରାଜ୍ୟ ବାହାର ବ୍ୟବସାୟୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏଠାକୁ ୭ ଦିନ ଧରି ଆସୁଥିବା ଜିଲାବାସୀଙ୍କୁ ସାଧୁବାଦ ଜଣାଇଥିଲେ । ଏହାପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବିବିଏମର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଅନ୍ନଦାତା ଅଧିକାରୀଙ୍କୁ ଛାଡିବାକୁ ମନ ନାହିଁ : ମାନବିକ ପ୍ରଶାସନକୁ ଲୁହ ଓ ଫୁଲର ସମ୍ମାନ



ବାଲିଆପାଳ , ୩୧/୧୨ (ନି.ପ୍ର): ବାଲିଆପାଳ ବ୍ଲକର ପୂର୍ବତନ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କ ବଦଳି ଖବର ଅଞ୍ଚଳରେ ଗଭୀର ସହାନୁଭୂତି ଓ ଦୁଃଖର ପରିବେଶ ସୃଷ୍ଟି କରିଛି । ଗରିବ, ଭିନ୍ନକ୍ଷମ, ଅସହାୟ ଓ ଆଦିବାସୀ ହିତାଧିକାରୀମାନଙ୍କ ମଧ୍ୟରେ "ଅନ୍ନଦାତା ଅଧିକାରୀ" ଭାବେ ପରିଚିତ ରଥ ବାବୁଙ୍କୁ ଛାଡ଼ିବାକୁ ଲୋକମାନେ ମନେ ମନେ ପ୍ରସ୍ତୁତ ନୁହେଁ । ଭୋଗରାଇ ବ୍ଲକକୁ ବଦଳି ପରେ ରଥ ବାବୁ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର ପାଇଁ ଅଫିସ କାର୍ଯ୍ୟରେ ବାଲିଆପାଳ ବ୍ଲକକୁ ଆସିବାର ଖବର ଶୁଣି ଆଜି ବାଲିଆପାଳ ବ୍ଲକ ପରିସରରେ ଏକ ସହଜ, ଭାବୁକ ବିଦାୟ ସମାରୋହ ଦେଖାଯାଇଥିଲା । ଅନେକ ଭିନ୍ନକ୍ଷମ ଓ ଅସହାୟ ମହିଳା ଫୁଲତୋଡ଼ା ନେଇ ଆସି ଅଶ୍ରୁଭରା ନୟନରେ ତାଙ୍କୁ ବିଦାୟ ଜଣାଇବା ସହିତ ଗରିବ, ଅସହାୟ ଓ ଭିନ୍ନକ୍ଷମଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିବା ବାଲିଆପାଳ ବ୍ଲକର ବିଡ଼ିଓ ଶ୍ରୀଯୁକ୍ତ ରାଧାରଞ୍ଜନ ଦାସ, ନୂତନ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ଏବଂ ତହସିଲଦାର ଶ୍ରୀମତୀ ଜ୍ୟୋସ୍ନାରାଣୀ ଜେନାଙ୍କୁ ଭେଟି ଆଗାମୀ ୨୦୨୬ ନବବର୍ଷ ପାଇଁ ଶୁଭେଚ୍ଛା ମଧ ଜଣାଇଥିଲେ । ରଥ ବାବୁ ତାଙ୍କ କାର୍ଯ୍ୟକାଳରେ ଦୁର୍ନୀତି ଓ ଦଲାଲମୁକ୍ତ ବ୍ୟବସ୍ଥା ସ୍ଥାପନ ସହ ବର୍ଷରୁ ବର୍ଷ ରାସନରୁ ବଞ୍ଚିତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିଥିଲେ । ଆମ ଅଧିକାର ଫାଉଣ୍ଡେସନ ସାମାଜିକ ସଂଗଠନ ର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ରଥ ବାବୁଙ୍କ ସେବାକୁ ସ୍ମରଣ କରି ତାଙ୍କ ଆଗାମୀ କର୍ମକ୍ଷେତ୍ର ସଫଳ ହେଉ ବୋଲି ଶୁଭେଚ୍ଛା ଜଣାଇବା ସହିତ ବାଲିଆପାଳ ବ୍ଲକର ବିଡିଓ, ତହସିଲଦାର ଏବଂ ନୂତନ ଯୋଗାଣ ଅଧିକାରୀଙ୍କ ମାନବିକତାର କାର୍ଯ୍ୟକୁ ପ୍ରସଂଶା କରିଛନ୍ତି ।

# ଅପର୍ତିବିନ୍ଧାଠାରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ



ଭଦ୍ରକ , ୩୧/୧୨ (ନି.ପ୍ର): ଭଦ୍ରକବାସୀଙ୍କ ପାଇଁ ଏକ ଐତିହାସିକ ଓ ଗର୍ବର ଦିନ । ଦଶକ ଧରି ସାଧାରଣ ଲୋକଙ୍କ ଦୀର୍ଘଦିନର ଆକାଂକ୍ଷା ଥିବା ଅପର୍ତିବିନ୍ଧା ଠାରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଆଜି ସଫଳତାର ସହିତ ସମ୍ପନ୍ନ ହେଲା । ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଯଶସ୍ୱୀ ସଭାପତି ଶ୍ରୀ **Manmohan Samal** ଓ ମାନ୍ୟବର ମନ୍ତ୍ରୀ ଶ୍ରୀ **Suryabanshi Suraj** ଙ୍କ ସହ ସାମିଲ ହେଲେ ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର । ଆମ ସରକାର କେବଳ ଘୋଷଣାରେ ନୁହେଁ, ବାସ୍ତବ କାର୍ଯ୍ୟରେ ବିଶ୍ୱାସ ରଖେ । ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ହେଉଛି ଆମର ମୂଳ ଲକ୍ଷ୍ୟ । ଦେଶକୁ ଦୃଢ଼ ନେତୃତ୍ୱ ଓ ସ୍ପଷ୍ଟ ଦୃଷ୍ଟିକୋଣ ଦେଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ, 'ଭାରତ ରତ୍ନ' ଶ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ସ୍ମୃତିକୁ ସମର୍ପିତ (ଅଟଳ ମାର୍ଗ) ଏହି ରାସ୍ତା ଭଦ୍ରକର ବିକାଶ, ଗତି ଓ ଉଜ୍ଜ୍ୱଳ ଭବିଷ୍ୟତର ଦୃଢ଼ ପଥ ହେବ ।

# ଓଡ଼ିଶାର ପ୍ରଗତି ପାଇଁ ଏକ ପ୍ରୋତ୍ସାହନ : ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୩୧/୧୨: ଓଡ଼ିଶା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ (ଏନଏଚ୍)ର ସମ୍ପ୍ରସାରଣ ଏବଂ ସୁଦୃଢ଼ିକରଣ କରାଯିବା ସମ୍ପର୍କିତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯିବାକୁ ଓଡ଼ିଶାର ପ୍ରଗତି ପାଇଁ ଏକ ପ୍ରୋତ୍ସାହନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାରେ ଘଞୀ-୩୨୬ ର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣକୁ ଅନୁମୋଦନ କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗଜପତି, ରାୟଗଡା ଏବଂ କୋରାପୁଟରେ ଯାତାୟାତକୁ ସୁଗମ କରିବ ଏବଂ ସଂଯୋଗୀକରଣକୁ ଉନ୍ନତ କରିବ ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଆଦିବାସୀ ଦିନମଜୁରିଆ ମା' 'ସାର୍ପା'

ଉଦଳା, ୩୧/୧୨ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକ ଶାଳଚୁଆ ପଂଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ମାଝିସାହିର ଦୃଶ୍ୟ । ଏହି ସାହିର ବାସିନ୍ଦା କର ସୋରେନଙ୍କର ସହଧର୍ମିଣୀ ସାର୍ପା ସୋରେନଙ୍କ ନାମ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଯୋଡ଼ାଯାଇପାରୁ ନଥିବାରୁ ସେ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଏକଥା ନିଜେ 'ସାର୍ପା' ଗଣମାଧ୍ୟମକୁ ଜଣାଇବା ସହିତ ଦିନ ମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର ଜଣାଇଛନ୍ତି । 'ସାର୍ପା'ଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହୋଇଥିବାର ଜଣାଯାଇଛି । ତେବେ ଆଧାର କାର୍ଡ଼ ପାଇଁ 'ସାର୍ପା' ବାରମ୍ବାର ଫୋଟ ଉଠାଉଥିଲେ ମଧ ତାଙ୍କର ଆଧାର କାର୍ଡ଼ ଏପର୍ଯ୍ୟନ୍ତ ଆସିନଥିବାର ଜଣାଇଛନ୍ତି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ସେହିପରି କିଛିଦିନ ପୁର୍ବେ ସେ ଯକ୍ଷ୍ମା ରୋଗରେ ପିଡ଼ିତ ଥିଲେ । ସେ ସମୟରେ ତାଙ୍କ ଚିକିତ୍ସା ପାଇଁ ଯେଉଁ ସରକାରୀ ଅନୁଦାନ ମିଳିଥିଲା, ଆଧାର କାର୍ଡ଼ ନଥିବା ଯୋଗୁଁ ଏହି ଟଙ୍କା ସେ ଉଠାଇପାରିନଥିବାର କଥା ଜଣାଇଛନ୍ତି । ଏହିଭଳି ଆଧାର କାର୍ଡ଼ ନଥିବା ଯୋଗୁଁ ତାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର କଥା କହିଛନ୍ତି । ତାଛଡ଼ା ଏଠାରେ ଆଦିବାସୀ ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି । 'ସାର୍ପା' ଜଣେ ଆଦିବାସୀ ମହିଳା ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ ସହଯୋଗ ନକରି କାହିଁକି ନିରବ ରହିଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଉଦଳା ଆଇ.ଟି.ଡ଼ି.ଏ.ର ଏଭରି କୁମ୍ଭିର କାନ୍ଦଣା ନୀତି ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ଖେଳିଯାଇଛି । ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

# ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାରାପୁର ଡ଼ିଗ୍ରୀ କଲେଜର ବାର୍ଷିକ ଉତ୍ସବ




ବାସୁଦେବପୁର, ୩୧/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଙ୍ଗ ପଞ୍ଚାୟତର ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାରାପୁର ଡ଼ିଗ୍ରୀ କଲେଜର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଡ଼ିଗ୍ରୀ କଲେଜର ଅଧକ୍ଷ ରଘୁପତି ଖିଲାର ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ କବି ଡକ୍ଟର ଭରତ ଚନ୍ଦ୍ର ବେହେରା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ସାହିତ୍ୟିକ ଓ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଯୁକ୍ତ ଦୁଇ ଅଧକ୍ଷ ବ୍ରଜ ମୋହନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ ରକ୍ତତୀର୍ଥ ଇରମ ସମଗ୍ର ବିଶ୍ୱ ଇତିହାସରେ ରେକର୍ଡ ସୃଷ୍ଟି କରିଛି । ଏହି ମାଟି ହେଉଛି ସ୍ୱାଧୀନତା ସଂଗ୍ରାମର ମାଟି, ଶହୀଦର ମାଟି ଓ ରକ୍ତଭିଜା ମାଟି । ଯେଉଁ ମାଟିକୁ ଚିପୁଡ଼ିଦେଲେ ରକ୍ତ ନିଗିଡ଼ି ପଡେ ସେହି ମାଟିର ଆଧାତ୍ମିକ ଚିନ୍ତାଧାରା,ଶିକ୍ଷା, ସାହିତ୍ୟ, କଳା, ସଂସ୍କୃତି, ଧର୍ମ, ଐତିହ୍ୟ ପରମ୍ପରା ସଂପର୍କରେ ଅତିଥି ବନ୍ଧୁ ଅଭିଭାଷଣ ପ୍ରଦାନ କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ଡିଗ୍ରୀ କଲେଜ ଅଧାପକ ସଞ୍ଜୟ କୁମାର ପାଣିଗ୍ରାହୀ ଓ ଯୁକ୍ତ ଦୁଇ ଅଧାପକ ହିମାଂଶୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧାପକ ଦିବ୍ୟ ସୁନ୍ଦର ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅଧାପକ ସଞ୍ଜୟ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ରାଜ କିଶୋର ନାୟକ, କୈଳାସ ଚନ୍ଦ୍ର ଦାସ, ତପନ କୁମାର ମହାନ୍ତି, ସନ୍ତୋଷ ପ୍ରଧାନ, ଜ୍ଞାନ ଜେନା, ମଧୁମିତା କୁଣ୍ଡୁ, ସସ୍ମିତା ବଳ,ରଚିତା କର, ହରିଶ ଜେନା, ସନ୍ତୋଷ ବାରିକ୍, ମୌସୁମୀ ରଥ, ଶରତ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଜଳେଶ୍ୱର ଶାଖା ତରଫରୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳନ




ଜଳେଶ୍ୱର, ୩୧/୧୨ (ନି.ପ୍ର): ସଭାପତି ଡ଼ ଶ୍ରୀକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଉତ୍କଳ ସମ୍ମିଳନୀ ର କେନ୍ଦ୍ରୀୟ ସଭାପତି ଡ଼ ଅଦ୍ୱୈତ କୁମାର୍ ପାତ୍ର, ସୈରୁଲ ହକ, ଇ ହୃଷୀକେଶ ସାହୁ, ସୁନିଲ କୁମାର ନାୟକ, ସୁଦର୍ଶନ ଦାସ୍, କାର୍ତ୍ତିକ ଚନ୍ଦ୍ର ଦାସ୍, କୁମାର୍ ଗୋପାଳ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଅଖଣ୍ଡ ଓଡ଼ିଶା ଓ ଓଡ଼ିଆ ଅସ୍ମିତା ର ରକ୍ଷା ପାଇଁ ନିବେଦନ ରଖିଥିଲେ । ଉତ୍କଳ ସମ୍ମିଳନୀ ର ଜଳେଶ୍ୱର ଶାଖା ର ସଂଗଠକ ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲା ବେଳେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ସଭାପତି କମଳ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ଓ ଦିବସ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ, ସୁକୁମାର ରଣା ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ର ସହ ସମ୍ପାଦକ ହେମନ୍ତ ଗିରି, ରାଜେଶ ଖଟୁଆ, ଦୁର୍ଗା ଶଙ୍କର ଆସ, ପ୍ରାଣକୃଷ୍ଣ ଗିରି, ସୌଭିକ ଜେନା, ସୁଧୀର କର, ଜଗଦୀଶ ନନ୍ଦୀ, ଘନଶ୍ୟାମ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଉତ୍କଳ ସମ୍ମିଳନୀ ଖଡଗପୁର ଶାଖା ର ଦ୍ୱାରିକେସ ପଟ୍ଟନାୟକ ଯଶୋଦା ରାଣୀ ପାତ୍ର ଏବଂ ଶଶାଙ୍କ ଜେନା ଅନ୍ୟାନ୍ୟ ପ୍ରତିଭା ଧାରିଙ୍କୁ ସମ୍ମାନିତ କରାଗଲା ।

## ୨୦୨୬ ନବବର୍ଷର ଶୁଭେଚ୍ଛା



ହେ ନୂତନ ବର୍ଷ ଦୁଇହଜାର ଛବିଶ, ତୁମେ ସଭିଙ୍କ ଜୀବନେ ଭରିଦିଅ ସୁଖ ଓ ଶାନ୍ତିର ପରଶ, ସତ୍ୟ ଶାନ୍ତି ଦୟା କ୍ଷମା ସେବା ଓ ପ୍ରେମର ହେଉ ଏହି ନବ ବର୍ଷ ।

**ତୃପ୍ତିରାଣୀ ପାତ୍ର**
ବିଶିଷ୍ଟ ଲେଖିକା, ସହଦେବଖୁଣ୍ଟା ବାଲେଶ୍ୱର

## ନବବର୍ଷର ଶୁଭେଚ୍ଛା



ନବବର୍ଷ ୨୦୨୬ ଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । ସଭିଏଁ ସୁସ୍ଥ, ନିରୋଗ ରହି ଶାନ୍ତି, ତୃପ୍ତି, ଆନନ୍ଦରେ ଜୀବନ ଅତିବାହିତ କରନ୍ତୁ ଏହାହିଁ କାମନା ।

**ପୀତାମ୍ବର ଦାସ**
ଶିଶୁ ସାହିତ୍ୟିକ, କବି, ଗାଳ୍ପିକ, ଗୀତିକାର ଓ ନାଟ୍ୟକାର

## ୨୦୨୬ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ-୨୦୨୬ର ଶୁଭ ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଅସୁମାରୀ ଖୁସି ଓ ପୁଲକ, ଭରିଦେଉ ଶାନ୍ତି ଓ ସଂହତି, ଏତିକି ମାତ୍ର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

**ପ୍ର. ଗିରିଜା ଶଙ୍କର ଶର୍ମା**
ବରିଷ୍ଠ ସାହିତ୍ୟିକ, ସମ୍ବଲପୁର

## ନବବର୍ଷର ଶୁଭେଚ୍ଛା



ସମସ୍ତଙ୍କୁ ୨୦୨୬ର ଶୁଭ ଅଭିନନ୍ଦନ । ଆସନ୍ତୁ ଆନନ୍ଦ ଉଲ୍ଲାସରେ ପାଳନ କରିବା ନୂଆବର୍ଷକୁ । ଏହି ବର୍ଷ ସମସ୍ତଙ୍କ ପାଇଁ ଆଣିଦେଉ ସୁଖ ଓ ସମୃଦ୍ଧି ।

**ଡ. ତପନ କୁମାର ବେହେରା**
ଅଧକ୍ଷ, ନୀଳମଣି ମହାବିଦ୍ୟାଳୟ, ରୁପ୍ସା, ବାଲେଶ୍ୱର

## ନବବର୍ଷର ଶୁଭେଚ୍ଛା



ନୂଆବର୍ଷ-୨୦୨୬ର ଶୁଭ ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଅସୁମାରୀ ଖୁସି ଓ ପୁଲକ,ଭରିଦେଉ ଶାନ୍ତି ଓ ସଂହତି,ଏତିକି ମୋର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬

## ନବବର୍ଷର ଶୁଭେଚ୍ଛା



ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଅସତ୍ୟ ଉପରେ ସତ୍ୟର ଓ ଅନ୍ୟାୟ ଉପରେ ନ୍ୟାୟର ଜୟ ହେଉ । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ଯଶୋଦା ନନ୍ଦନ ଆଶ**
ରୋଟାରିଆନ ଓ ସମାଜସେବୀ, ବାଲେଶ୍ୱର

## ୨୦୨୬ ନବବର୍ଷର ଶୁଭେଚ୍ଛା



୨୦୨୬ ମସିହା ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । ସଭିଏଁ ନିରୋଗ ରହି ସୁଖ ଶାନ୍ତିରେ ଜୀବନଯାପନ କରନ୍ତୁ । ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

**ଶ୍ରୀମତୀ କୃଷ୍ଣା ପ୍ରଧାନ**
କବୀ ଓ ଶିକ୍ଷୟିତ୍ରୀ, ବାଲେଶ୍ୱର

## ୨୦୨୬ ନବବର୍ଷର ଶୁଭେଚ୍ଛା



ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଅସତ୍ୟ ଉପରେ ସତ୍ୟର ଓ ଅନ୍ୟାୟ ଉପରେ ନ୍ୟାୟର ଜୟ ହେଉ । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ପ୍ରମିଳା ପଣ୍ଡା**
ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା




## ୨୦୨୬ ନବବର୍ଷର ଶୁଭେଚ୍ଛା



ସମସ୍ତଙ୍କୁ ନୂଆବର୍ଷ ୨୦୨୬ର ଶୁଭ ଅଭିନନ୍ଦନ । ଏହି ବର୍ଷ ସମସ୍ତଙ୍କ ପାଇଁ ଆଣିଦେଉ ସୁଖ ଓ ସମୃଦ୍ଧି । ଆସନ୍ତୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରିବା ଏହି ନୂଆବର୍ଷକୁ ।

**ଡ. ଶିଶିର କୁମାର କର**
ଶ୍ରୀକଣ୍ଠପୁର,ବାଲେଶ୍ୱର

## ୨୦୨୬ ନବବର୍ଷର ଶୁଭେଚ୍ଛା



୨୦୨୬ ନୂତନ ବର୍ଷ ସମସ୍ତଙ୍କପାଇଁ ସୁଖ, ଶାନ୍ତି ଓ ଆନନ୍ଦ ଆଣି ଦେଉ । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମଗ୍ର ବିଶ୍ୱର କଲ୍ୟାଣ ହେଉ ଓ ବିଶ୍ୱବାସୀ ଭଲରେ ରୁହନ୍ତୁ ।

**ନରେନ୍ଦ୍ର ପ୍ରସାଦ ବିଶ୍ୱାଳ**
ଅଧକ୍ଷ ବାସୁଦେବପୁର ବ୍ଲକ, ବାସୁଦେବପୁର







## ୨୦୨୬ ନବବର୍ଷର ଶୁଭେଚ୍ଛା



ଇଂରାଜୀ ନବବର୍ଷ ସମଗ୍ର ଭଦ୍ରକ ବାସୀଙ୍କ ପାଇଁ ସୁଖ ଓ ସମୃଦ୍ଧି ଆଣି ଦେଉ, ନବବର୍ଷ ଅବସରରେ ଭଦ୍ରକ ର ଅଗଣିତ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

**ସିତାଂଶୁ ଶେଖର ମହାପାତ୍ର**
ବିଧାୟକ, ଭଦ୍ରକ

## ୨୦୨୬ ନବବର୍ଷର ଶୁଭେଚ୍ଛା



୨୦୨୬ ଇଂରାଜୀ ନବବର୍ଷ ଅବସରରେ ଓଡିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ନୂତନ ବର୍ଷଟି ସମସ୍ତଙ୍କ ପାଇଁ ଶୁଭଙ୍କରୀ ଓ ମଙ୍ଗଳମୟ ହେଉ, ଏତିକି କାମନା ।

**ଡ. କୁମାର ଗୋପାଲ**
ବରିଷ୍ଠ ସାହିତ୍ୟିକ ଓ ସୁ ପ୍ରବଚକ

## ୨୦୨୬ ନବବର୍ଷର ଶୁଭେଚ୍ଛା



ନବବର୍ଷ ୨୦୨୬ ଅବସରରେ ଭଦ୍ରକର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ଦଧିବାମନ ଜେରକ୍ସ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ, ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

**ଦଧିବାମନ ଜେରକ୍ସ**, ଭଦ୍ରକ

## ୨୦୨୬ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆବର୍ଷ ସମସ୍ତଙ୍କ ପାଇଁ ଆଶା ଓ ଆକାଂକ୍ଷାର ବର୍ଷ ହେଉ, ସମସ୍ତେ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରନ୍ତୁ, ଏତିକି ମାତ୍ର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

**ଇଂ. ହୃଷିକେଶ ସାହୁ**
ଲେଖକ ଓ ସମାଜସେବୀ ବାଲେଶ୍ୱର

❑ ସଂପାଦିକା : ସୈରିନ୍ଧ୍ରୀ ସାହୁ
❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❑ Editor: Sairindhree Sahoo
❑ Managing & Executive Editor : Srustidhar Parida